ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯବେକ୍ଷକ

Vol.26 . No.165 Bhubaneswar Sunday August 06 2023 | ୨୬ତମ ବର୍ଷ ସଂଖ୍ୟା-୧୬୫ ଭୁବନେଶ୍ୱର, ରବିବାର, ଅଗଷ୍ଟ ୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ନକ୍ସଲ ପ୍ରଭାବିତ ଅଞ୍ଚଳରେ ପିଡିଏସ୍ ଦୋକାନ,ରାସ୍ତା ଓ ବିଦ୍ୟୁତର ବ୍ୟବସ୍ଥା ଓଡିଶା କରୁ: ଅମିତ୍ ଶାହ




ଭୁବନେଶ୍ୱର,୫।୮(ପି.ଏନ): ଦୁଇଦିନିଆ ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆଜି ରାଜ୍ୟର ବିପର୍ଯ୍ୟୟ ପରିଚ଼ାଳନା ଓ ନକ୍ସଲ ପରିସ୍ଥିତିର ସମୀକ୍ଷା କରିଛନ୍ତି। ନକ୍ସଲ ପ୍ରଭାବିତ ଅଂଚ଼ଳରେ ପିଡିଏସ୍ ଦୋକାନ, ରାସ୍ତା ନିର୍ମାଣ ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ନିମନ୍ତେ ଓଡିଶା ସ୍ୱତନ୍ତ୍ର ପାଣ୍ଠି ବରାଦ ଦିଗରେ ବିଚ଼ାର କରୁ ବୋଲି ଶ୍ରୀ ଶାହ କହିବା ସହ ରାଜ୍ୟର ଆପଦ ମିତ୍ରମାନଙ୍କୁ ବହୁମୁଖୀ ବିପର୍ଯ୍ୟୟ ପରିଚ଼ାଳନା ପ୍ରଶିକ୍ଷଣ ସହ ରାସାୟନିକ ଓ ପରମାଣୁ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆବଶ୍ୟକ ପ୍ରଶିକ୍ଷଣ ସହ ହୋମଗାର୍ଡମାନଙ୍କୁ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଛନ୍ତି । ଏହାସହିତ ରାଜ୍ୟର ନକ୍ସଲ ପ୍ରଭାବିତ ଅଂଚ଼ଳରେ ସଡକ ଓ ଯୋଗାଯୋଗ ନେଟଓ୍ୱାର୍କକୁ ସୁଦୃ ? କରିବା ପାଇଁ ବିଶେଷକରି ସବୁ ଗାଁକୁ ଇଣ୍ଟରନେଟ୍ ସୁବିଧା ଦେବା ପାଇଁ ସମସ୍ତ ପ୍ରକାରର ସହାୟତା କେନ୍ଦ୍ର ସରକାର ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଆଜି ଲୋକସେବା ଭବନର ପ୍ରଥମ ମହଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ,କେନ୍ଦ୍ରୀୟ ଫୋର୍ସର ଅଧିକାରୀ ଓ ପୁଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ ଓଡିଶାର ନକ୍ସଲ ପରିସ୍ଥିତି ଓ ବିପର୍ଯ୍ୟୟ ପରିଚ଼ାଳନାର ସମୀକ୍ଷା କରିଥିଲେ । ଉଭୟ ପ୍ରସଙ୍ଗରେ ପ୍ରାୟ ୪୫ମିନିଟ୍ ଧରି ବୈଠକ ଚ଼ାଲିଥିଲା । ବୈଠକରେ ଶ୍ରୀ ଶାହ ଓଡିଶା ସରକାରଙ୍କ ଦ୍ୱାରା ବିପର୍ଯ୍ୟୟ ମୁକାବିଲା ପାଇଁ ନିଆଯାଉଥିବା ପଦକ୍ଷେପକୁ ପ୍ରଶଂସା କରିବା ସହ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତକୁ ବିପର୍ଯ୍ୟୟ ପ୍ରତିରୋଧ କରିବା ପାଇଁ ଉଦ୍ଦିଷ୍ଟ ଦୃଷ୍ଟିକୋଣ ଅନୁରୂପ ବୋଲି କହିଥିଲେ । ଓଡିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବେ ବୋଲି ଶ୍ରୀ ଶାହ ପ୍ରତିଶ୍ରୁତି ଦେଇଛନ୍ତି । ୧୯୯୯ ମସିହା ମହାବାତ୍ୟା ପରଠୁ ବିପର୍ଯ୍ୟୟ ପରିଚ଼ାଳନା ଦିଗରେ ଓଡିଶାରେ ଅନେକ ପ୍ରଗତି ହୋଇଛି ବୋଲି ଶ୍ରୀ ଶାହ କହିବା ସହ ଓଡିଶା ସରକାରଙ୍କ ପ୍ରଶଂସା କରିଥିଲେ । ରାଜ୍ୟରେ ନିଯୁକ୍ତି ପାଇଥିବା ଆପଦ ମିତ୍ର ଓ ବିପର୍ଯ୍ୟୟ ଯୋଦ୍ଧାଙ୍କୁ ରାଜ୍ୟ ସରକାର ବହୁମୁଖୀ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଶିକ୍ଷଣ କରିବାକୁ ସେ ପରାମର୍ଶ ଦେବା ସହ ବିଶେଷକରି ରସାୟନିକ ଓ ପରମାଣୁ ବିପର୍ଯ୍ୟୟକୁ ପରିଚ଼ାଳନାର ପ୍ରଶିକ୍ଷଣ ଦେବାକୁ କହିଛନ୍ତି । ଏହି ବିପର୍ଯ୍ୟୟ ବିନା ସଙ୍କ ?ତରେ ଆସିଥାଏ ବୋଲି ଶ୍ରୀ ଶାହ କହିଛନ୍ତି । ସେହିପରି ରାଜ୍ୟର ହୋମଗାର୍ଡ ବ୍ୟବସ୍ଥାକୁ ସୁଦୃ ? କରିବା ସହ ସେମାନଙ୍କୁ ବିପର୍ଯ୍ୟୟ ପ୍ରଶମନର ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀର ମରାମତିକୁ ସୁନିଶ୍ଚିତ କରିବା ଓ ଏଥିପାଇଁ ନିୟମିତ ବଜେଟ୍ ବରାଦ କରିବାକୁ ମଧ୍ୟ ସେ କହିଛନ୍ତି । ରାଜ୍ୟରେ ଘଡଘଡି, ଅଂଶୁଘାତ ଓ ଜଙ୍ଗଲ ନିଆଁ ଆଦିରେ ଲୋକଙ୍କ ଜୀବନ ଯେଭଳି ନଯିବ ସେଥିପାଇଁ ରାଜ୍ୟ ପ୍ରଶାସନ ଆବଶ୍ୟକ ପ୍ରସ୍ତୁତି ଓ ପରିଚ଼ାଳନା ନିମନ୍ତେ ଏସଓପି(ଷ୍ଟାଣ୍ଡାର୍ଡ ଅପରେସନ୍ ପ୍ରୋସିଜିଓର) ପାଳନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ବିପର୍ଯ୍ୟୟ ସମୟରେ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ମଧ୍ୟ ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି । ବାଲେଶ୍ୱର ଟ୍ରେନ ଦୁର୍ଘଟଣାରେ ଗାଁର ସ୍ୱେଚ୍ଛାସେବୀଙ୍କଠୁ ଆରମ୍ଭ କରି ରାଜ୍ୟ ପ୍ରଶାସନର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ ।



ମାନ୍ୟବର କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ୍ ଶାହଜିଙ୍କ ଓଡ଼ିଶା ଗସ୍ତ ବେଳେ ବିଜେପି ଭୁବନେଶ୍ୱର କାର୍ଯ୍ୟାଳୟରେ ସ୍ୱାଗତ ସହିତ ସାକ୍ଷାତ୍ କଲେ ଡକ୍ଟର ସୁନୀତି ମୁଣ୍ଡ

## ଓଏସଏସସି ପ୍ରଶ୍ନପତ୍ର ଲିକ୍ ମାମଲାରେ ଆଉ ୮ ଗିରଫ

ଭୁବନେଶ୍ୱର, ୫।୮(ପି.ଏନ): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସଏସସି) ଦ୍ୱାରା ପରିଚାଳିତ ଜେଇ (ମେନ୍) ସିଭିଲ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ଆଉ ୮ ଜଣଙ୍କୁ ଗିରଫ କରାଯାଇଛି। ବାଲେଶ୍ୱ ଏସପି ସାଗରିକା ନାଥଙ୍କ ପ୍ରେସମିଟ୍ ଜରିଆରେ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଗିରଫ ୮ ଅଭିଯୁକ୍ତ ଓଡ଼ିଶାର। ସେମାନେ ମଧ୍ୟସ୍ଥି ଭାବେ କାମ କରିଥିଲେ। ଜଣେ ଅଭିଯୁକ୍ତଙ୍କଠାରୁ ୩୪ ହଜାର ଟଙ୍କା ଜବତ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏହି ୮ ଜଣଙ୍କୁ ଗିରଫ କରାଯାଇଛି। ଏହି ୮ ଜଣଙ୍କ ମଧ୍ୟରେ ୨ ଜଣ ଶିକ୍ଷକ ଅଛନ୍ତି। ସେମାନେ ହେଉଛନ୍ତି ଅଜୟ କୁମାର ବିଶ୍ୱାଳ (୪୩) ଓ ବିଜୟ କୁମାର ମଲ୍ଲିକ (୨୫)। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ପଦମପୁର ସ୍ଥିତ ଜେ.କେ ସରକାରୀ ନୋଡାଲ ହାଇସ୍କୁଲରେ ଶିକ୍ଷକ ଥିବା ଅଜୟ କୁମାର ବିଶ୍ୱାଳଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।ଅନ୍ୟ ଅଭିଯୁକ୍ତମାନେ ହେଉଛନ୍ତି ଶାନ୍ତନୁ ମିଶ୍ର (୨୯), ସନ୍ଦୀପ କୁମାର ମହାନ୍ତି (୨୭), ପ୍ରଦୀପ ଶତପଥୀ, ନିରଞ୍ଜନ ବେହେରା (୫୫), ରାଜୀବ ଲୋଚନ ସାହୁ (୩୩) ଓ ସପନ କୁମାର ରାଉତ (୩୩)। ଏମାନେ ଏହି ପରୀକ୍ଷାର ପ୍ରଶ୍ନପତ୍ର ଯୋଗାଇ ଦେବା ପାଇଁ ପ୍ରାର୍ଥୀମାନଙ୍କ ସହ ଯୋଗାଯୋଗ କରିଥିଲେ। ବାଲେଶ୍ୱର ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟତଃ ଦୁଇଟି ଉପାୟରେ ପରୀକ୍ଷାର୍ଥୀମାନଙ୍କ ସହିତ ଯୋଗାଯୋଗ କରାଯାଉଥିଲା। 'ମ୍ୟାନ୍ ପାୱାର କନ୍‌ସଲଟାନ୍‌ସି ସର୍ଭିସେସ' ଓ ହ୍ୱାଟ୍‌ସ ଆପ୍ ଏବଂ ଟେଲିଗ୍ରାମ ଭଳି ସୋସିଆଲ ମିଡିଆରେ ଥିବା ବିଭିନ୍ନ ପ୍ରକାରର 'ଅନ୍‌ଲାଇନ୍ ଷ୍ଟଡି ଗ୍ରୁପ୍' ମାଧ୍ୟମରେ ପରୀକ୍ଷାର୍ଥୀଙ୍କ ସହିତ ଯୋଗାଯୋଗ କରାଯାଉଥିଲା। ଏହି ରାକେଟ ସହିତ ସଂପୃକ୍ତ ରାଜ୍ୟ ଓ ରାଜ୍ୟ ବାହାରର ଆହୁରି କିଛି ଲୋକଙ୍କୁ ଚିହ୍ନଟ କରାଯାଇଛି।

## ୪୦ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଜାଲରେ ସିଡିପିଓ

ଭୁବନେଶ୍ୱର, ୫।୮(ପି.ଏନ): ୪୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଝାରସୁଗୁଡ଼ା ଚାଇଲ୍ଡ ଡେଭଲପମେଂଟ ପ୍ରୋଜେକ୍ଟ ଅଫିସର (ସିଡିପିଓ) ସରୋଜିନୀ ଏକ୍କା। ଗତ ଚାରି ମାସର ଛତୁଆ ବିଲ୍ ପାସ୍ କରି ଦେବା ପାଇଁ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତିଙ୍କ ଠାରୁ ସେ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଭିଜିଲାନ୍ସ ଅଧିକାରୀମାନେ ସିଡିପିଓ ସରୋଜିନୀ ଏକ୍କାଙ୍କ ଠାରୁ ସମସ୍ତ ଲାଂଚ ଟଙ୍କା ଜବତ କରିଛନ୍ତି। ସରୋଜିନୀ ଏକ୍କା ଆୟ ବହିର୍ଭୂତ ସଂପତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ତାଙ୍କର ଦୁଇଟି ଠିକଣାରେ ଚଢ଼ାଉ କରାଯାଇଛି। ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ପକ୍ଷରୁ ମାମଲା ରୁଜୁ କରାଯାଇଛି।

## ଉପରମୁଣ୍ଡରୁ ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଛି ଅଧିକ ପାଣି: ନଦୀବନ୍ଧ କର୍ତ୍ତୃପକ୍ଷ ଖୋଲିଲେ ଆଉ ୫ଟି ଗେଟ



ହୀରାକୁଦ,୫।୮(ପି.ଏନ): ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ଥିଲେ ମଧ୍ୟ ଏବେ ବି ବୌଦ୍ଧ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ଜିଲ୍ଲା ସହିତ ଅନ୍ୟ କିଛି ଅଞ୍ଚଳର ଲୋକମାନେ ପାଣି ଘେର ମଧ୍ୟରେ ରହିଛନ୍ତି। ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁଙ୍କ ସୂଚ଼ନା ଅନୁସାରେ, ଲଗାଣ ବର୍ଷାରେ ରାଜ୍ୟର ୧୨ଟି ଜିଲ୍ଲାର ୪୮୧ ଗାଁ ପ୍ରଭାବିତ ହୋଇଛି। ପ୍ରଶାସନ ତରଫରୁ ସେମାନଙ୍କୁ ଖାଦ୍ୟ ଏବଂ ପାନୀୟଜଳର ବ୍ୟବସ୍ଥା କରାଯାଉଛି । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଅଧିକାଂଶ ଗାଁ ପାଣି ଘେରରେ ରହିଥିବାରୁ ଆଜି ସେଠାର ସ୍କୁଲଗୁଡିକ ବନ୍ଦ ରହିଛି । ଜିଲ୍ଲାର ଚ଼ାରୋଟି ବ୍ଲକର ୬୧ଟି ପଞ୍ଚାୟତର ୩୨୬ ଗାଁର ପ୍ରାୟ ୧ ଲକ୍ଷ ୮୦ ହଜାରରୁ ଅଧିକା ଲୋକ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି ବୋଲି ଜିଲ୍ଲା ପ୍ରଶାସନ ତରଫରୁ କୁହାଯାଇଛି ।ହୀରାକୁଦ ଗେଟ୍ ଖୋଲିଲା ମହାନଦୀର ଉପରମୁଣ୍ଡରୁ ହୀରାକୁଦ ଜଳଭଣ୍ଡାରକୁ ଅଧିକ ଜଳ ପ୍ରବାହିତ ହେଉଥିବାରୁ ନଦୀବନ୍ଧ କର୍ତ୍ତୃପକ୍ଷ ଆଜି ଆଉ ୫ଟି ଗେଟ୍ ? ଖୋଲିଛନ୍ତି । ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ୧୭ଟିଗେଟ୍‌ଦେଇ ମହାନଦୀ ଏବଂ କେନାଲକୁ ପାଣି ଛଡାଯାଉଛି । ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦର ଜଳସ୍ତର ୬୨୧ ଦଶମିକ ୦/୬ ଫୁଟ ଥିଲା । ଏହି ସମୟ ସୁଦ୍ଧା ଜଳଭଣ୍ଡାରକୁ ୪ ଲକ୍ଷ ୮୮ ହଜାର ୬୨୪ ଘନଫୁଟ ପାଣି ପ୍ରତି ସେକେଣ୍ଡରେ ପ୍ରବେଶ କରୁଥିବାବେଳେ ୧୭ଟି ଗେଟ୍ ଓ କେନାଲ ଦେଇ ୩ ଲକ୍ଷ ୨ ହଜାର ଶହେ ଅଣାନବେ ଘନଫୁଟ ପାଣି ନିଷ୍କାସିତ ହେଉଛି । ସୂଚ଼ନାଯୋଗ୍ୟ ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ।

## ଶାହଙ୍କ ଗୁରୁମନ୍ତ୍ର : ପଂଚ଼ାୟତରୁ ରାଜ୍ୟ ପର୍ଯ୍ୟନ୍ତ ଜନଆନ୍ଦୋଳନ କର



ଭୁବନେଶ୍ୱର,୫।୮(ପି.ଏନ); ରାଜ୍ୟରେ ବୁଥ୍ ଓ ପଂଚ଼ାୟତସ୍ତରରୁ ସଂଗଠନକୁ ସୁଦୃ ? କରିବା ପାଇଁ ପଦକ୍ଷେପ ନେବା ସହ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ପଂଚ଼ାୟତରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ବ୍ୟାପକ ଜନ ଆନ୍‌ଦୋଳନ କରି ଲୋକଙ୍କ ବିଶ୍ୱାସଭାଜନ ହେବାକୁ ବିଜେପିର ଚ଼ାଣକ୍ୟ ତଥା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହ ଆଜି ରାଜ୍ୟ ବିଜେପି ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି । କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସାଧାରଣ ଲୋକଙ୍କ ନିକଟରେ ପହଂଚ଼ାଇବା ଓ ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚ଼ାର ଓ ଅବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବାକୁ ସେ ପରାମର୍ଶ ଦେଇଛନ୍ତି ।ଦୁଇଦିନିଆ ଗସ୍ତରେ ଆସି ନୂଆଦିଲ୍ଲୀ ଫେରିବା ପୂର୍ବରୁ ପ୍ରାୟ ୪ଘଣ୍ଟା ଧରି ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ଦଳର କୋର ଟିମ୍, ରାଜ୍ୟ ପଦାଧିକାରୀ, ନିର୍ବାଚ଼ିତ ଲୋକ ପ୍ରତିନିଧିମାନଙ୍କ ସହ ଭିନ୍ନ ଭିନ୍ନ ବୈଠକ କରିବା ସହ ଆଗାମୀ ସାଧାରଣ ନିର୍ବାଚ଼ନରେ ଦଳକୁ ଜିତାଇବା ପାଇଁ ଗୁରୁମନ୍ତ୍ର ଦେଇଛନ୍ତି ।ଏ ସମ୍ପର୍କରେ ସୂଚ଼ନା ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ରାଜ୍ୟର ପ୍ରତ୍ୟେକ ବୁଥ୍ ସ୍ତରର ସଂଗଠନକୁ ସଶକ୍ତ କରିବା ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ ଦେବା ସହ ଦଳୀୟ ନେତାମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି । ରାଜ୍ୟର ପ୍ରତ୍ୟେକ ବୁଥସ୍ତରର ସଂଗଠନ କିଭଳି ଭାବରେ ସଶକ୍ତ ହେବ ସେ ଦିଗରେ ନିଷ୍ଠାର ସହିତ କାର୍ଯ୍ୟ କରିବା ପାଇଁ କାର୍ଯ୍ୟକର୍ତାଙ୍କୁ ଆହ୍ୱାନ ଦେଇଛନ୍ତି । ଏ ସମ୍ପର୍କରେ ରାଜ୍ୟର ପଦାଧିକାରୀ, ବିଧାୟକ, ସାଂସଦ ଏବଂ କୋର କମିଟି ସଦସ୍ୟମାନଙ୍କ ସହ ବିସ୍ତୃତ ଆଲୋଚ଼ନା କରିଛନ୍ତି । ଲୋକମାନଙ୍କର ବିଭିନ୍ନ ଅସୁବିଧା, ଅବ୍ୟବସ୍ଥା, ଦୁର୍ଗତି ଏବଂ ଭ୍ରଷ୍ଟାଚ଼ାର ବିରୁଦ୍ଧରେ ପଂଚ଼ାୟତ, ବ୍ଲକ୍, ଜିଲ୍ଲା ଏବଂ ରାଜ୍ୟସ୍ତର ପର୍ଯ୍ୟନ୍ତ ଜନଆନ୍‌ଦୋଳନ କରାଯିବ ସେ ସଂପର୍କରେ ଶ୍ରୀ ଶାହା ବିସ୍ତୃତ ଆଲୋଚ଼ନା କରିଛନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି ।

## ସୁବ୍ରତ ବାଗଚ଼ୀ ହେଲେ ସରକାରୀ ଅନୁଷ୍ଠାନ ଦକ୍ଷତା ବିକାଶ ଉପଦେଷ୍ଟା

ନୂଆଦିଲ୍ଲୀ,୫।୮(ପି.ଏନ): ପୁଣିଥରେ ସୁବ୍ରତ ବାଗଚ଼ିଙ୍କୁ ବଡ ଦାୟିତ୍ୱ ଦେଇଛନ୍ତି ଓଡିଶା ସରକାର । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ତାଙ୍କୁ ରାଜ୍ୟର ସମସ୍ତ ସିଭିଲ୍ ସର୍ଭିସେସ୍ ଟ୍ରେନିଂ ଇନଷ୍ଟିଚ୍ୟୁସନ୍ ଗୁଡିକରେ ଅନୁଷ୍ଠାନର ଦକ୍ଷତା ବିକାଶ ପାଇଁ ମୁଖ୍ୟ ପରାମର୍ଶଦାତା ଭାବରେ ନିଯୁକ୍ତ କରିଛନ୍ତି । ଏହି ପଦବୀ ସହିତ ତାଙ୍କୁ କ୍ୟାବିନେଟ ମନ୍ତ୍ରୀଙ୍କ ପଦ ଓ ମାନ୍ୟତା ଦିଆଯାଇଛି ।ଏହାପୂର୍ବରୁ ସେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଚେୟାରମ୍ୟାନ୍ ଭାବରେ ରାଜ୍ୟରେ କାର୍ଯ୍ୟ କରିଥିଲେ । ନୂତନ ଭୂମିକାରେ, ସେ ସିଭିଲ୍ ସର୍ଭିସେସ୍ ଟ୍ରେନିଂ ଇନଷ୍ଟିଚ୍ୟୁସନ୍ ପାଇଁ ଏକ ଭବିଷ୍ୟତୀୟ ଦୃଷ୍ଟିକୋଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ ଏବଂ ସେମାନଙ୍କୁ ଦୁନିଆର ସର୍ବୋତ୍ତମ ସହିତ ସମାନ କରିବାରେ ସାହାଯ୍ୟ କରିବେ ।

# ଯାଜପୁର ରୋଡ଼ ଓ ଧାମରା ରେଳ ପଥ ନିର୍ମାଣ ବିଚ଼ାର କରାଯିବ: ରେଳମନ୍ତ୍ରୀ






ନୂଆଦିଲ୍ଲୀ,୫।୮(ପି.ଏନ): ଯାଜପୁର ରୋଡ଼ ଓ ଧାମରା ମଧ୍ୟରେ ନୂତନ ରେଳପଥ ନିର୍ମାଣ ପ୍ରକଳ୍ପକୁ ବନ୍ଦର ଭିତ୍ତିକ ଯୋଜନା ମଧ୍ୟରେ ସାମିଲ କରାଯିବାକୁ ବିଚ଼ାର କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି ।ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ପ୍ରାକ୍ତନ ସାଂସଦ ଡ଼. ରାମଚ଼ନ୍ଦ୍ର ଖୁଣ୍ଟିଆ ଓ ଆବାହକ ସନ୍ତୋଷ କୁମାର ଦାସଙ୍କର ମିଳିତ ନେତୃତ୍ୱରେ ଏକ ୧୪ ଜଣିଆ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳ ଆଜି ରେଳଭବନ ଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରିଥିବା ଜଣାଯାଇଛି। ଏହି ଅବସରରେ ପ୍ରତିନିଧି ମଣ୍ଡଳ ଉପରୋକ୍ତ ଦାବି ସମ୍ବଳିତ ଏକ ସ୍ମାରକ ପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି ।ସାକ୍ଷାତକାର ସମୟରେ ଅନୁଷ୍ଠିତ ଆଲୋଚ଼ନାରେ ଭାଗ ନେଇ ଆନ୍ଦୋଳନ କାରୀ ନେତାମାନେ ଏହି ପ୍ରକଳ୍ପର ଆର୍ଥିକ ଉପଯୋଗୀତା ଏବଂ ସାମାଜିକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରସ୍ତାବିତ ରେଳପଥର ବୈଷୟିକ ଦିଗ ସମ୍ପର୍କରେ ଏହାର ନକ୍ସାକୁ ଆଧାର କରି ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ବିଚ଼ାର ବିମର୍ଷ କରିଥିଲେ। ରେଳମନ୍ତ୍ରୀଶ୍ରୀ ବୈଷ୍ଣବ ବୈଠକରେ ଉପସ୍ଥିତଥିବା ରେଳବାଇ ବୋର୍ଡର ଦୁଇ ବିଶେଷଜ୍ଞ ସଦସ୍ୟଙ୍କୁ ତୁରନ୍ତ ଏ ଦିଗରେ ସବିଶେଷ ଅନୁଧ୍ୟାନକରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଲାଗି ନିର୍ଦ୍ଦେଶ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତକାଲି ନୂଆଦିଲ୍ଲୀର ଜନ୍ତର-ମନ୍ତର ଠାରେ ଏହି ଦାବୀକୁ କେନ୍ଦ୍ର କରି ଏକ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଯାଜପୁର ରୋଡ଼ ଓ ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଆୟୋଜିତ ଏହି ବିକ୍ଷୋଭ ପ୍ରଦର୍ଶନ ରେ ଶତାଧିକ ଓଡ଼ିଆ ଯୋଗ ଦେଇଥିବା ଦେଖା ଯାଇଥିଲା। ଧାରଣା ସ୍ଥଳରେ ସଂଗ୍ରାମ ସମିତିର ଆବାହକ ସନ୍ତୋଷ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ପୂର୍ବତନ ସାଂସଦ ଡ଼.ରାମଚ଼ନ୍ଦ୍ର ଖୁଣ୍ଟିଆ, ସାଂସଦ ସପ୍ତଗିରି ଉଲ୍ଲକା, ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟନାୟକ, ସି.ପି.ଆଇ(ଏମ)ର ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ,ସି.ପି.ଆଇ ର କେନ୍ଦ୍ରୀୟ ନେତା ଦିନେଶ ଭୂଷଣ ଓ ପୂର୍ବତନ ବିଧାୟକ ଭୁଜବଳ ମାଝୀ ପ୍ରମୁଖ ଉଦବୋଧନ ଦେଇ ଓଡ଼ିଶାର ଏହି ଯୁକ୍ତିଯୁକ୍ତ ଦାବୀକୁ କେନ୍ଦ୍ର ସରକାର ତୁରନ୍ତ ମାନି ନେବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ନନ୍ଦ,ପଦ୍ମାକର ଗୁରୁ, ସରୋଜ ବିଶ୍ୱାଳ, ଦିବ୍ୟସିଂହ ନାୟକ,ମଳୟ ପଣ୍ଡା, ଦେବେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ନାୟକ, ହରିଶ ପଣ୍ଡା, ରମାକାନ୍ତ ସେଠୀ, ସାଗର ପରିଡା, ବିଜୟ ନାୟକ, ଚ଼ନ୍ଦ୍ର ଶେଖର ନାୟକ, ଖଗେଶ୍ୱର ମଲ୍ଲିକ, ଦିଲ୍ଲୀପ ଦାସ,ଦୁର୍ଯ୍ୟୋଧନ ବେହେରା,ରାଧା ଦାସ, ଅମୂଲ୍ୟ ସାମଲ, ଅନନ୍ତ ଜେନା, ବିଭୁତି ମହାପାତ୍ର ଓ ରୀତା ପାତ୍ର ପ୍ରମୁଖ ଧାରଣାକାରୀମାନଙ୍କୁ ସଂବ ?ଧନ କରି ଏହି ଦାବୀକୁ ଦୃଢ଼ ସମର୍ଥନ ଜ୍ଞାପନ କରିଥିଲେ। ଆନ୍ଦୋଳନକାରୀମାନେ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କର ବୈମାତୃକ ମନୋଭାବ ପ୍ରଦର୍ଶନ ବିରୁଦ୍ଧରେ ଘୋର ପ୍ରତିବାଦ ଜଣାଇଥିଲେ। ଯାଜପୁର ରୋଡ଼ ଓ ଧାମରା ମଧ୍ୟରେ ରେଳପଥ ନିର୍ମାଣ ହେଲେ ୨୭.୪୩ ଶତାଂଶ ଲାଭର ସମ୍ଭାବନା ଥିବା ବେଳେ ଏହାକୁ ମଞ୍ଜୁର କରା ନ ଯାଇ ଏହାଠାରୁ କମ ତଥା ଶୂନ୍ୟ କିମ୍ବା ବିଯୁକ୍ତାତ୍ମକ ପରିମାଣର ଲାଭ ହେବାର ସମ୍ଭାବନା ଥିବା ପ୍ରକଳ୍ପଗୁଡିକୁ ସ୍ୱୀକୃତି ଦେଇ ରେଳବାଇ କର୍ତ୍ତୃପକ୍ଷ ଓଡ଼ିଶାପ୍ରତି ପାତର ଅନ୍ତର ମନୋଭାବ ପୋଷଣ କରୁଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ଓଡ଼ିଶାରୁ ରେଳବାଇ ବାର୍ଷିକ ସର୍ବାଧିକ ତିରିଶି ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରୁଥିଲେ ହେଁ ୯୬ କିଲୋମିଟରେ ଦୀର୍ଘ ଏହି ପ୍ରକଳ୍ପ ପାଇଁ ଆବଶ୍ୟକୀୟ ମାତ୍ର ୧୦୪୨ କୋଟି ୬୨ ଲକ୍ଷ ଟଙ୍କାର ବରାଦ କରୁନଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ଯାଜପୁର ରୋଡ଼ ଓ ଧାମରା ମଧ୍ୟରେ ଯାଜପୁର ଟାଉନ ଓ ଆରଡ଼ି ବାଟ ଦେଇ କଥିତ ରେଳପଥ ନିର୍ମାଣ କରାଗଲେ ଯାଜପୁର ଜିଲ୍ଲାର ସଦର ମହକୁମା ସହ ରେଳ ସଂଯୋଗ ପ୍ରତିଷ୍ଠା କରାଯାଇପାରିବ ।ଏହାବ୍ୟତୀତ ବିରଜା କ୍ଷେତ୍ର, ଆରଡ଼ିର ଶୈବ ପୀଠ, ଧାମରାର ଧାମରାଇ ମନ୍ଦିର, ଯାଜପୁର ରୋଡ଼ର ବ୍ୟାସ ସରୋବର ଓ ଭିତର କନିକାର କୁମ୍ଭୀର ଅଭୟାରଣ୍ୟ ଭଳି ପର୍ଯ୍ୟଟନ ଆକର୍ଷଣ ସ୍ଥଳଗୁଡିକର ମଧ୍ୟ ବ୍ୟାପକ ବିକାଶ ସମ୍ଭବପର ହୋଇପାରିବ। ଯାଜପୁର, କେନ୍ଦୁଝର, ଅନୁଗୁଳ ଜିଲ୍ଲାର କ୍ରୋମାଇଟ, କୋଇଲା, ଲୁହାପଥର ଓ ମାଙ୍ଗାନିଜ ଭଳି ଖଣିଜ ପଦାର୍ଥ ଗୁଡିକର ପରିବହନ ମଧ୍ୟ ସୁବିଧାଜନକ ହୋଇପାରିବ ।କଳିଙ୍ଗ ନଗର ଓ ନାଲକୋର ଶିଳ୍ପଜାତ ଦ୍ରବ୍ୟର ସରବରାହ ମଧ୍ୟ ସ୍ୱଳ୍ପ ବ୍ୟୟରେ ତ୍ୱରାନ୍ୱିତ କରାଯାଇପାରିବ। ବୈତରଣୀ, ସାଳନ୍ଦୀ ଓ ଖରଶ୍ରୋତା ଆଦି ନଦୀ ଗୁଡିକର ଅବବାହିକାରେ ବସବାସ କରୁଥିବା କୃଷିଜୀବୀ ଓ ମତ୍ସ୍ୟଜୀବୀମାନେ ବ୍ୟାପକ ଭାବେ ଉପକୃତ ହୋଇପାରିବେ। ରେଳବାଇ, ଏହାର ୬୫.୩୬୫ କିଲୋମିଟର ରେଳପଥ ଉପରେ ଏବେ ହରାଉଥିବା ରାଜସ୍ୱ ମଧ୍ୟ ସଞ୍ଚୟ କରିପାରିବ। ଏହି ମର୍ମରେ ପ୍ରସ୍ତୁତ ଏକ ସ୍ମାରକପତ୍ର ସଂଗ୍ରାମ ସମିତି ପକ୍ଷରୁ ଗତକାଲି କେନ୍ଦ୍ର ଶିକ୍ଷା, ଉଦ୍ୟମିତା, କୌଶଳ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ବାସ ଭବନରେ ପ୍ରଦାନ କରାଯାଇଥିବା ଜଣାଯାଇଛି ।ଏଠାରେ ଏକ ବିବୃତି ଦେଇ ୱାର୍ଲଡ଼ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଏହି ଦାବୀକୁ ନ୍ୟାର୍ଯ୍ୟ ଆଖ୍ୟା ଦେଇ ଏହାକୁ ସମର୍ଥନ କରିଛନ୍ତି ।ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ଦୁଇ ଗୁରୁତ୍ୱ ପୂର୍ଣ୍ଣ ଆଧ୍ୟାତ୍ମିକ ପୀଠ ଯଥା ମା ବିରଜା କ୍ଷେତ୍ର ଏବଂ ବାବା ଆଖଣ୍ଡଳମଣି ଧାମ ରେଳବାଇ ମାନଚ଼ିତ୍ରରେ ସ୍ଥାନ ପାଇବା ଦ୍ୱାରା ରାଜ୍ୟରେ ଧାର୍ମିକ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଭାବରେ ଉନ୍ନୟନ ସଂଘଟିତ ହୋଇପାରିବ ବୋଲି ଶ୍ରୀ ଦ୍ୱିବେଦୀ ଆଶା ପ୍ରକାଶ କରିଛନ୍ତି।

## ଗଞ୍ଜେଇ ବେପାର କରୁଛନ୍ତି ଆଇଆଇସି ଓ ତାଙ୍କ ସହଯୋଗୀ ! ଥାନାରେ ନିଆଁ ଲଗାଇଦେଲେ ଲୋକେଇଜି




ଫୁଲବାଣୀ/ଭୁବନେଶ୍ୱର, ୫।୮(ପି.ଏନ): ଥାନା ଜାଳିଦେଲେ ଉତ୍ୟକ୍ତ ଜନତା। ରଣକ୍ଷେତ୍ର ପାଲଟିଲା ଫିରିଙ୍ଗିଆ ଥାନା ପରିସର। ଜନତାଙ୍କ ଆକ୍ରୋଶର ଶୀକାର ହେଲେ ପୋଲିସ୍। ଫୁଲବାଣୀ ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକଙ୍କୁ ଗୋଡାଇ ଗୋଡାଇ ନିସ୍ତୁକ ପିଟିଛନ୍ତି। ସେହିପରି ଅନ୍ୟ ପୋଲିସ କର୍ମଚାରୀ ମଧ୍ୟ ଲୋକଙ୍କର ଆକ୍ରମଣର ଶିକାର ହୋଇଛନ୍ତି । ଜବତ ହୋଇଥିବା ଗଞ୍ଜେଇକୁ ଏହି ଥାନାର ଆଇଆଇସି ବିକ୍ରି କରୁଥିବା ଅଭିଯୋଗରେ ଉତ୍ୟକ୍ତ ଲୋକେ ଶନିବାର ଅପରାହ୍ଣରେ ଥାନାରେ ନିଆଁ ଲଗାଇଦେଇଛନ୍ତି। ଏ ଘଟଣା ପରେ ଫିରିଙ୍ଗିଆ ଥାନାରେ ନିଆଁକୁ ଆୟତ କରିଛି ଅଗ୍ନିଶମ ବାହିନୀ। କନ୍ଧମାଳ ଏସପି ଘଟଣାସ୍ଥଳରେ ପହଂଚିଛନ୍ତି। ଘଟଣାସ୍ଥଳରେ ୭ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଫିରିଙ୍ଗିଆ ଥାନା ପୋଡ଼ି ନେଇ ଦକ୍ଷିଣାଂଚଳ ଆଇଜି ସତ୍ୟବ୍ରତ ଭୋଇ କହିଛନ୍ତି ବର୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଘଟଣାସ୍ଥଳରେ ଏସପି ପହଂଚିଛନ୍ତି। ଥାନାରେ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି। ଆନ୍ଦୋଳନକାରୀଙ୍କ ମଧ୍ୟରେ ଗଞ୍ଜେଇ ମାଫିଆ ଥିଲେ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।ଉତ୍ୟକ୍ତ ଜନତାଙ୍କ ଅଭିଯୋଗ ହେଲା ଯେ, ପୁଲିସ ଦ୍ୱାରା ବିଭିନ୍ନ ସମୟରେ ଜବତ ହୋଇଥିବା ଗଂଜେଇକୁ ଫିରିଙ୍ଗିଆ ଆଇଆଇସି ତପନ କୁମାର ନାହାକ, ହୋମଗାର୍ଡ଼ ପ୍ରଶାନ୍ତ ପାତ୍ର, ରବି ଦିଗାଲ ଏବଂ ଅନ୍ୟ ପୁଲିସ କର୍ମଚାରୀ ବିକ୍ରି କରୁଥିଲେ। ଏହାର ପ୍ରତିବାଦରେ ଶନିବାର ଦିନ ଅଂଚଳବାସୀ ଫିରିଙ୍ଗିଆ ବ୍ଲକ ଛକରେ ରାସ୍ତାରୋକ କରିବା ସହିତ ତୁରନ୍ତ ଥାନା ଆଇଆଇସି , ୨ହୋମଗାର୍ଡ଼ ଏବଂ ଅନ୍ୟ ପୁଲିସ କର୍ମଚାରୀମାନଙ୍କ ବିରୁଦ୍ଧରେ ଗଞ୍ଜେଇ ଚୋରାଚାଲାଣ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଶତାଧିକ ଲୋକ ବ୍ଲକ ଛକରେ ବାଉଁଶ ବାନ୍ଧି ରାସ୍ତାରୋକ କରିବା ସହିତ ଆଇଆଇସି ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ ନାରାବାଜି କରିଥିଲେ। ଜବତ ଗଂଜେଇ ବିକ୍ରି ନେଇ ଏକ ଭିଡିଓ ଭାଇରାଲ ହୋଇଥିଲେ ହେଁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ଉତ୍ୟକ୍ତ ଜନତା ଥାନାରେ ଗଣ୍ଡଗୋଳ କରିଥିଲେ।









## ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯କୋଟି (ମୋଟ୍‌ଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିର୍ଣ୍ଣିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ଡର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରଖାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା'ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ' କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଓ ସଂବର୍ଦ୍ଧନା ପର୍ବ

ଧର୍ମଶାଳା (ପିଏନ୍): ଧର୍ମଶାଳା ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ପୁରସ୍କାର ପ୍ରଦାନ ଓ ପତ୍ରିକା ଉନ୍ମୋଚନ ପର୍ବ ୪ ତାରିଖରେ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲବ୍ଧପ୍ରତିଷ୍ଠ ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଯୋଗଦେଇ ସମାଜ ସଂସ୍କାରରେ ସାହିତ୍ୟର ଭୂମିକା ଅବର୍ଣ୍ଣନୀୟ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରବି ଲାବଣ୍ୟ ଯୋଗଦେଇ ମଣିଷକୁ ଦୁଃଖ ସହିବାର ଶକ୍ତି ସାହିତ୍ୟ ଯୋଗାଏ ଓ ସୁଖର ସ୍ୱାଦ ବି ଚଖାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଯୋଗଦେଇ ସାହିତ୍ୟ ଓ ମଣିଷ ପରସ୍ପର ପରିପୂରକ ଓ ମଣିଷ ଜୀବନରେ ସାହିତ୍ୟ ହିଁ ଅନ୍ତରଙ୍ଗ ବନ୍ଧୁ ବୋଲି ମତବ୍ୟକ୍ତ କରିଥିଲେ। ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ଗାଳ୍ପିକ ଅର୍ଜୁନ ପୃଷ୍ଟି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ମଂଚ ଆମନ୍ତ୍ରଣ କରିଥିବାବେଳେ ପ୍ରୀତିପ୍ରିୟା ରାୟ ଓ ସାଥୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଉତ୍ସବ ଉପଲକ୍ଷେ ପ୍ରକାଶିତ ଗଙ୍ଗଶିଉଳି ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପତ୍ରିକା ସଂପର୍କରେ ଡ. ରାଜକିଶୋର ପାଢ଼ୀ ସୂଚନା ଦେଇଥିଲେ। ଏହି ଅବସରରେ ଧର୍ମଶାଳା ସାହିତ୍ୟ ସମାଜ ସମ୍ମାନ କବୟିତ୍ରୀ ବିଦ୍ୟୁତ୍‌ପ୍ରଭା ଦାସଙ୍କୁ, ଦାବାକିଶୋର ପାଢ଼ୀ ଶିଶୁ ସାହିତ୍ୟ ସମ୍ମାନ ଡକ୍ଟର ସୁନାମଣି ରାଉତଙ୍କୁ, ବାବାଜିଚରଣ ନାୟକ ସ୍ମୃତି ସମ୍ମାନ କୃଷକନେତା ବସନ୍ତ କୁମାର ପରିଡ଼ାଙ୍କୁ ଓ ସୌଗନ୍ଧିକା ସମ୍ମାନ ଅବସରପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ପାଳଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ମାନପତ୍ରଗୁଡ଼ିକ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଗଣେଶ୍ୱର ବେହେରା, ଯୁଗଳ କିଶୋର ଦାସ, ପ୍ରତିଭା ମଂଜରୀ ଦାଶ ପାଠ କରିଥିଲେ। ପରେପରେ ଅତିଥିମାନଙ୍କୁ କାହ୍ନୁଚରଣ ଦାଶ, ଡାକ୍ତର ବିଜୟ କୁମାର ଶତପଥୀ, ଯୁଧିଷ୍ଠିର ସ୍ୱାଇଁ, ନବଘନ ଜେନା ଉପଢୌକନ ପ୍ରଦାନ କରି ଅନୁଷ୍ଠାନ ପକ୍ଷରୁ ସଂବର୍ଦ୍ଧିତ କରିଥିଲେ। ସଂବର୍ଦ୍ଧିତ ଅତିଥିମାନେ ସଂବର୍ଦ୍ଧନାର ଉ ର ଦେଇଥିଲେ। ଏହି ଅବସରରେ ଡକ୍ଟର ଭବାନୀ କିଙ୍କର ସାହୁଙ୍କ ପ୍ରବନ୍ଧ ପୁସ୍ତକ 'ସମୀକ୍ଷା ଦିଗନ୍ତ', ରବି ଶତପଥୀଙ୍କ ପ୍ରବନ୍ଧ ପୁସ୍ତକ 'କାଲି ଓ ଆଜି', ମନୋରଂଜନ ମହାନ୍ତିଙ୍କ ପୁସ୍ତକ 'ଭାବ ବିଭବ', ଗୋଲକ ଚନ୍ଦ୍ର ପଲେଇଙ୍କ ପୁସ୍ତକ 'ସେବାର କାହାଣୀ' ଲୋକାର୍ପିତ ହୋଇଥିଲା। ଶେଷରେ କାର୍ଯ୍ୟକାରୀ ସଭାପତି କାହ୍ନୁଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବ ବେଣୁଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

# କାକଟପୁର ମା'ମଙ୍ଗଳାଙ୍କ ପୀଠର ଉନ୍ନତି ପାଇଁ ୫-ଟି ସଚିବଙ୍କୁ ଦାବୀପତ୍ର ପ୍ରଦାନ

ଭୁବନେଶ୍ୱର (ପିଏନ୍)- ଶ୍ରୀଜଗନ୍ନାଥଙ୍କ ନବକଳେବର ସମୟରେ ଶ୍ରୀକ୍ଷେତ୍ରରୁ ପ୍ରଥମତଃ ବନଜାଗ ଯାତ୍ରୀମାନେ ଦାରୁ ନିର୍ଣ୍ଣୟ ପାଇଁ ମା' ମଙ୍ଗଳାଙ୍କୁ ତପସ୍ୟା କରନ୍ତି। ଜଗନ୍ନାଥ ସଂସ୍କୃତି ସହିତ ମା'ମଙ୍ଗଳାଙ୍କ ପରମ୍ପରା ଓ ସଂସ୍କୃତି ଅଙ୍ଗାଙ୍ଗି ଭାବେ ଜଡ଼ିତ। କିନ୍ତୁ ମା'ମଙ୍ଗଳାଙ୍କ ପୀଠର ଯେଉଁଭଳି ବିକାଶ କରାଯିବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଯାହାଫଳରେ ଶ୍ରଦ୍ଧାଳୁ ଭକ୍ତମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ତଥା କାକଟପୁର ନିର୍ବାଚନ ମଣ୍ଡଳୀର ବରିଷ୍ଠ କଂଗ୍ରେସ ନେତା ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ବାରମ୍ବାର ଦାବୀ ସ ୍ୱ ମନ୍ଦିରର ଯେଉଁ ମୁଖ୍ୟ ସମସ୍ୟାଗୁଡ଼ିକ ରହିଛି ତାହା ମଧ ସମାଧାନ ହେଉନାହିଁ। ମା'ଙ୍କ ମନ୍ଦିର ଉପରେ ନିର୍ଭରଶୀଳ ପୂଜାପଣ୍ଡା ଓ ସେବାୟତମାନଙ୍କ ସାମାଜିକ କଲ୍ୟାଣ ପାଇଁ ବିଶେଷ ବ୍ୟବସ୍ଥା ନାହିଁ ବୋଲି ମଧ ସେ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ମାସ ୨୮ ତାରିଖ ଦିନ ଶ୍ରୀ ପଟ୍ଟନାୟକ ମା'ମଙ୍ଗଳାଙ୍କ ପୀଠର ସାମଗ୍ରୀକ ବିକାଶ ପାଇଁ ଏକ ୧୫ ଦଫା ସମ୍ବଳିତ ଦାବୀପତ୍ର ଓଡ଼ିଶା ସରକାରଙ୍କ ୫-ଟି ସଚିବଙ୍କ ନିକଟକୁ ପଠାଇଛନ୍ତି। ଦାବୀଗୁଡ଼ିକ ମଧ୍ୟରେ ପ୍ରତ୍ନତ ୍ୱ ବିଭାଗଦ୍ୱାରା ମନ୍ଦିର ଗର୍ଭଗୃହ, ମନ୍ଦିର ଭିତର ପଥର ସୋଲିଙ୍ଗ ଓ ସିଂହଦ୍ୱାରର ସ୍ଥାୟୀ ମରାମତି କରାଯାଉ, ମନ୍ଦିରରେ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ, ପରିକ୍ରମା ଓ ପ୍ରସାଦ ସେବନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଘ ତୋଳା ତୁଠର ପୁନରୁଦ୍ଧାର, ପରିଷ୍କାର ପରିଚ୍ଛନ୍ନତା ଓ ପରିବେଶ ସୁରକ୍ଷା, ଭୁବନେଶ୍ୱର ଓ ପୁରୀରୁ କାକଟପୁର ମଙ୍ଗଳାଙ୍କ ପୀଠକୁ ଶୀତତାପ ନିୟନ୍ତ୍ରିତ ମୋ ବସ୍ ଯାତାୟାତର ବ୍ୟବସ୍ଥା କରାଯାଉ, କାକଟପୁର ମୁଖ୍ୟ ରାସ୍ତାଠାରୁ ମନ୍ଦିର ଦୁଇ ପାର୍ଶ୍ୱରେ ସୌନ୍ଦର୍ଯ୍ୟ ବିଦ୍ୟୁତକରଣ, ମନ୍ଦିର ନିକଟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଏକ ସୂଚନା କେନ୍ଦ୍ର ଓ ପାଠାଗାର ସ୍ଥାପନ, ମନ୍ଦିରର ପାର୍ଶ୍ୱରେ ସ୍ଥାୟୀ ପକ୍କା ପଦପ୍ରକ୍ଷାଳନର ବ୍ୟବସ୍ଥା, ମନ୍ଦିର ଉପରେ ନିର୍ଭରଶୀଳ ପୂଜାପଣ୍ଡା ଓ ସେବାୟତମାନଙ୍କ ପାଇଁ ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମର ବ୍ୟବସ୍ଥା, ବେଦ ଅଧ୍ୟୟନ ପାଇଁ ଏକ ବେଦ କର୍ମକାଣ୍ଡ ବିଦ୍ୟାଳୟ ସ୍ଥାପନ, ସେବାୟତମାନଙ୍କ ପାଇଁ ଏକ ବିଶ୍ରାମାଗାର ନିର୍ମାଣ, ପାର୍କିଂସ୍ଥଳୀର ବିକାଶ, ଲାଇଟିଂ, ଭକ୍ତମାନଙ୍କ ସୁବିଧା ପାଇଁ ଏଠାରେ ଶୌଚାଳୟ ନିର୍ମାଣ, ପ୍ରସିଦ୍ଧ ମା'ମଙ୍ଗଳାଙ୍କ ପୀଠ ଓ ଜନସଂଖ୍ୟା ଦୃଷ୍ଟିରୁ କାକଟପୁରକୁ ଏନ.ଏ.ସି ଘୋଷଣା, ପ୍ରାଚୀନଦୀର ପରିଷ୍କାର ପରିଚ୍ଛନ୍ନତା ଓ ଚିରସ୍ରୋତା ନଦୀ ଭାବରେ ପରିଣତ, ସେବାୟତମାନଙ୍କ ପାଇଁ କଲ୍ୟାଣ ପାଣ୍ଠି ଗଠନ, ମନ୍ଦିରର ପାରିପାର୍ଶ୍ୱିକ ବିକାଶ ଉପରେ ବିଶେଷ ଗୁରୁତ୍ୱ ଆଦି ଉଲ୍ଲେଖ କରାଯାଇଛି।

## ପୂର୍ବତନ ସାଂସଦ ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ବରିଷ୍ଠ କଂଗ୍ରେସ ନେତ୍ରୀ, ପୂର୍ବତନ ସାଂସଦ ତଥା ବିଶିଷ୍ଟ ସାହିତ୍ୟିକା ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଧର୍ମଶାଳା ଅ ଳର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ, ଯାଜପୁରର ପୂର୍ବତନ ସାଂସଦ ରୀତା ତରାଇ, ସାହିତ୍ୟିକ ବଟକୃଷ୍ଣ ଓଝା, ଡ. ଜଗନ୍ନାଥ ଜେନା, ଡ. ନୃସିଂହ ଚରଣ ସାହୁ, ଡ. ପ୍ରିୟନାଥ ମହାପାତ୍ର, ଡ. ଗୌତମ ଜେନା, ଡ. ମହେଶ୍ୱର ଜେନାସାମନ୍ତ, ଡ. ଚନ୍ଦ୍ରକାନ୍ତ ମହାନ୍ତି, ଡ. ତୁହିନାଂଶୁ ରଥ, ଡ. ଇନ୍ଦୁପ୍ରଭା ସାମଲ, ଡ. ସୁମନ କଲ୍ୟାଣ ବେହେରା, ନବଘନ ଜେନା, ଗୋବିନ୍ଦଚନ୍ଦ୍ର ସାହୁ, ଦୁର୍ଗା ପ୍ରସନ୍ନ ଦାଶ, ବାମଦେବ ପାଢ଼ୀ, ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ସ୍ତମ୍ଭକାର ମନୋରଂଜନ ମହାନ୍ତି, ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, କାହ୍ନୁ ଚରଣ ଦାଶ, ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ସୁନାକର ସାହୁ, ବ୍ରଜକିଶୋର ଦାଶ, ଅର୍ଜୁନ ପୃଷ୍ଟି, ପ୍ରଶାନ୍ତ କୁମାର ସାହୁ, ସଂଗ୍ରାମ କେଶରୀ ଜେନା, ରାଧାଶ୍ୟାମ ସାହୁ, ଗୋଲକ ଚନ୍ଦ୍ର ପଲେଇ, ଅଖିଳ କୁମାର ସ୍ୱାଇଁ, ବିଜୟ କୁମାର ନାୟକ, ଦେବବ୍ରତ ରାଉତ, ଅଜୟ ଖୁ ିଆ, ସାମ୍ବାଦିକ ବଟକୃଷ୍ଣ ପରିଡ଼ା, କୃଷକନେତା ବସନ୍ତ କୁମାର ପରିଡ଼ା, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, କୃଷ୍ଣଚନ୍ଦ୍ର ପାତ୍ର, ଆଦିକନ୍ଦ ସ୍ୱାଇଁ, ଅନନ୍ତ ଚରଣ ସ୍ୱାଇଁ, ପ୍ରସନ୍ନ କୁମାର କର, ରବି ନାରାୟଣ କର, କୃଷ୍ଣଚନ୍ଦ୍ର ତ୍ରିପାଠୀ, ବିବେକାନନ୍ଦ ରାୟ, ପ୍ରତିଭା ମଂଜରୀ ଦାଶ, ସବିତା ମିଶ୍ର, ପଦ୍ମଜା ଶରଣ, ସସ୍ମିତା ଦାଶ, ପ୍ରେମଲତା ମହାରଣା, ସରୋଜିନୀ ପଣ୍ଡା, ପ୍ରଭାସ ଚନ୍ଦ୍ର ଚୋଲ, ସୁବାଷ ଚନ୍ଦ୍ର ସାହୁ, ସୁନାକର ଦାସ, ସ୍ୱରାଜ ପାଣି, ସୌଭାଗ୍ୟ ରାଉତ, ଦେବେନ୍ଦ୍ର ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସରଂଜନ କର, କଂଗ୍ରେସ ନେତା ମିହିର କୁମାର ଖୁ ିଆ, ଯୁବନେତା ପ୍ରଫୁଲ୍ଲ କୁମାର ରାଉତ, ଦେବପ୍ରସାଦ ରାୟ, ଯୁବନେତା ଉଗ୍ରସେନ ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗୀୟା ପଟ୍ଟନାୟକଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ହଦଗଡ ଅଭୟାରଣ୍ୟର ସୁରକ୍ଷା ପାଇଁ ବନ ବିଭାଗ ତରଫରୁ ପାଟ୍ରୋଲିଙ୍ଗ୍

ଆନନ୍ଦପୁର (ପିଏନ୍):ଆନନ୍ଦପୁର ବନଖଣ୍ଡ ଅଧିନସ୍ଥ ହଦଗଡରେ ଏକ ସଚେତନତା ଜଙ୍ଗଲ ସୁରକ୍ଷା ରାଲି ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ହଦଗଡ ଅଭୟାରଣ୍ୟ ବେଶ୍ ପରିଚିତ। ଏହାର ସୁରକ୍ଷା ଓ ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ ହଦଗଡରେ ଅଫିସର ନେତୃତ୍ୱରେ ହଦଗଡ ଅଭୟାରଣ୍ୟର ଜଙ୍ଗଲ ସୁରକ୍ଷା ନିମନ୍ତେ ରେଂଜ ଅଫିସର ସୁମିତ ମହାନ୍ତିଙ୍କ ନେତୃତ୍ୱରେ ଏକ ଅଭିନବ କାର୍ଯ୍ୟକ୍ରମ ଆଗକୁ ନେଇଥିବା ବେଳେ ଜୀବଜନ୍ତୁଙ୍କ ଜୀବନ ସୁରକ୍ଷା ଏବଂ ଜଙ୍ଗଲ ନଷ୍ଟ ନକରିବା, ଅବାଧରେ ଜୀବଜନ୍ତୁଙ୍କୁ ଶିକାର ନକରିବା ଦିଗରେ ଲୋକମାନଙ୍କୁ ସଚେତନତା ବା ର୍ । ଦେଇଥିଲେ। ଏହି ଅଭୟାରଣ୍ୟର ସୌନ୍ଦର୍ଯ୍ୟକରଣ ନିମନ୍ତେ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଏଥିରେ ବନବିଭାଗର ଅନନ୍ତ ଚରଣ ପରିଡା, ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ, ଫରେଷ୍ଟର ଦିନେଶ ମାଝୀ, ଫରେଷ୍ଟ ଗାର୍ଡ ରଶ୍ମିରଂଜନ ରାଉତ ଓ ବନ ବିଭାଗର ସମସ୍ତ ଗାର୍ଡମାନେ ରାଲିକୁ ସହଯୋଗ କରିଥିଲେ।

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ତରଫରୁ କୁକୁଡା ଓ କୁକୁଡା ଖାଦ୍ୟ ବ ନ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ସ୍ୱାଧିନତାର ୭୫ତମ ବାର୍ଷିକୀ ଅମୃତ ମହୋତ୍ସବ ଉପଲକ୍ଷେ ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ଓ କାଶୀପୁର ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତରଫରୁ ୮୦ ଜଣ ଗରୀବ ଜନଜାତି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆତ୍ମନିର୍ଭରଶୀଳ କରି ଜୀବିକା ନିର୍ବାହ କରିବା ସକାଶେ ପ୍ରତ୍ୟେକଙ୍କୁ ୨୦ଟି କୁକୁଡା ଓ ୬୦ କେଜି କୁକୁଡା ଖାଦ୍ୟ ବ ନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ, କେନ୍ଦେଇପଶି ଗ୍ରାମପ ାୟତର ସରପ ଓ ସମିତି ସଭ୍ୟ ଯୋଗଦେଇ ହିତାଧିକାରୀମାନଙ୍କୁ କୁକୁଡା ଓ କୁକୁଡା ଖାଦ୍ୟ ବ ନ କରିଥିଲେ। ପ୍ରୋଜେକ୍ଟ ମ୍ୟାନେଜର ସଚ୍ଚିଦାନନ୍ଦ ମିଶ୍ର ସଭା ପରିଚାଳନା କରିଥିଲେ। ଏହି ସଭାରେ ଆଇଟିଡିଏର ଏସ୍‌ଏସ୍‌ଏସ୍ ଓ ଲାଇଭଲି ହୁଡ ଏକ୍ସପର୍ଟ ମଧ୍ୟ ଯୋଗ ଦେଇଥିଲେ।

## ନାରୀ ସଶକ୍ତିକରଣ ପାଠଚକ୍ର ଏବଂ ବୁଦ୍ଧ ଉଦ୍ୟାନ ଉଦ୍‌ଘାଟନ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ମହାବିଦ୍ୟାଳୟରେ ନୂତନ ଗ୍ରନ୍ଥାଗାର ଭବନରେ ନାରୀ ସଶକ୍ତିକରଣ ପାଠଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ମେଜର ଡ. ଦିଲ୍ଲୀପ କୁମାର ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଆନନ୍ଦପୁର ଗାୟତ୍ରୀ ପରିବାରର ହେମନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧକ୍ଷ, ଅଧାପିକା, କର୍ମଚାରୀ ଯୋଗ ଦେଇଥିଲେ। ତତ୍‌ପରେ ଅଧକ୍ଷ ଡ. ଦାଶ ମହାବିଦ୍ୟାଳୟ ପରିସରରେ ବୁଦ୍ଧ ଉଦ୍ୟାନକୁ ଉଦ୍‌ଘାଟନ କରିଥିଲେ।

# ଓଡ଼ିଶାରେ କେମିତି ଚାଲିଛି ନିର୍ମାଣ କାର୍ଯ୍ୟ !

ଶରତ କୁମାର ରାଉତ



ସଂପ୍ରତି ଓଡ଼ିଶାରେ ରାସ୍ତାଘାଟ ସମସ୍ୟା ସୁଧୁରି ଗଲାଣି। ମାତ୍ର ଅଳ୍ପ କେତେକ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଏତେଟା ସୁଧୁରି ପାରିନାହିଁ। କେତେକ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ଅଳ୍ପ କେତେକ ନିର୍ମାଣାଧୀନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯଦ୍ୱାରା ମୁଖ୍ୟତଃ ଆଦିବାସୀବହୁଳ ଅଂଚଳରେ ଲକ୍ଷ ଲକ୍ଷ ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତଥାପି ଓଡ଼ିଶାକୁ ଅତ୍ୟାଧୁନିକ ମନୋରମ ରାଜ୍ୟରେ ପରିଣତ କରିବାରେ ନିର୍ମାଣ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁଲଭ ଗମନାଗମନ ବ୍ୟବସ୍ଥା କୌଣସି ବିକଶିତ ରାଜ୍ୟ ବା ଦେଶର ମୁଖ୍ୟ ପରିଚୟ। ଏହା ମଧ୍ୟ ସାଧାରଣ ଲୋକଙ୍କର ଆର୍ଥିକ ଓ ସାମାଜିକ ଅବସ୍ଥା ପରିବର୍ତ୍ତନରେ ସହାୟକ ହୋଇଥାଏ। ହୁଏତ ଏହାକୁ ଦୃଷ୍ଟିରେ ରଖି ୧୧/୧୨ବର୍ଷ ତଳୁ ରାସ୍ତାଘାଟ, କୋଠାବାଡ଼ି, ସେତୁ ଓ ଓଭର୍ ବ୍ରିଜ୍ ନିର୍ମାଣ କ୍ଷେତ୍ରରେ ରାଜ୍ୟର ପ୍ରାୟ ସମସ୍ତ ୫୬ଟି ପୂର୍ତ୍ତ ଡ଼ିଭିଜନ୍ ସକ୍ରିୟ ରହିଛି। ମୁଖ୍ୟତଃ ନିର୍ମାଣ କ୍ଷେତ୍ରରେ ପଛୁଆ ଥିବା ଆଦିବାସୀ ଅଂଚଳର କେତୋଟି ଡ଼ିଭିଜନ୍ ଗତ ୫ ବର୍ଷ ଭିତରେ ଧାର୍ଯ୍ୟଲକ୍ଷ୍ୟ ସଫଳତା ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ପୂର୍ବରୁ ବିଭିନ୍ନ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟଲକ୍ଷ୍ୟ ସମୟ ସୀମା ମଧ୍ୟରେ ଶେଷ ନହୋଇ ବହୁ ଅଧିକ ସମୟ ବ୍ୟୟ ହେଉଥିଲା। ଏପରିକି ମୁଖ୍ୟ ରାସ୍ତାଗୁଡ଼ିକର ମରାମତି ପାଇଁ ସାଧାରଣ ଲୋକଙ୍କୁ ବାରମ୍ବାର ଆନ୍ଦୋଳନ କରିବାକୁ ପଡ଼େ କିମ୍ବା ନେତା ଓ ଅଫିସରମାନଙ୍କୁ ଗୁହାରି କରି ନୟାନ୍ତ ହେବାକୁ ପଡ଼େ। ମାତ୍ର ସମୟ ବଦଳିବା ସହ ଅବସ୍ଥାରେ ପରିବର୍ତ୍ତନ ହୋଇଛି। ଏବେ ଯୁଦ୍ଧକାଳୀନ ଭିତିରେ ନିର୍ମାଣ କାର୍ଯ୍ୟ କରାଯାଇ ରାସ୍ତା ଓ ଅନ୍ୟାନ୍ୟ ସରକାରୀ କୋଠାବାଡ଼ିଗୁଡ଼ିକୁ ଅତ୍ୟାଧୁନିକ ଶୈଳୀରେ ନବୀକରଣ କରାଯାଉଛି।

ଇତିମଧ୍ୟରେ ଓଡ଼ିଶାରେ ନିର୍ମାଣ ଯୁଗ ଆରମ୍ଭ ହୋଇଥିବା କୁହାଯାଇପାରେ। ଦୀର୍ଘଦିନ ତଳୁ ସରକାରୀ ନାଲିଫିଂତା ତଳେ ବାନ୍ଧି ହୋଇ ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ଓ ସେତୁ ପ୍ରକଳ୍ପ ଇତିମଧ୍ୟରେ ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି। ସାରା ରାଜ୍ୟରେ ବିଭିନ୍ନ ସଡ଼କ ଓ ସେତୁ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଗ୍ରାମାଂଚଳ ଭିତିଭୂମି ବିକାଶ ଫଣ୍ଡ ଅଧୀନରେ ତଥା ନାବାର୍ଡ଼ ସହାୟତାରେ ରାଜ୍ୟରେ ୨୦୭ଟି ସଡ଼କ ପ୍ରକଳ୍ପ(୩୦୨୮କିମି) ଏବଂ ୧୪୬ଟି ସେତୁ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ 'ରିଭାଇଜଡ୍ ଲଙ୍ଗ ଟର୍ମ ଆକ୍ସନ୍ ପ୍ଲାନ୍' ଅନୁଯାୟୀ କେବିକେ ଅଂଚଳର ରାସ୍ତାଗୁଡ଼ିକ ନବୀକରଣ ସହ ନୂଆ ସେତୁ, ରାସ୍ତା, କଲଭର୍ଟ ଆଦି ନିର୍ମାଣ ହୋଇଛି। ରାଜ୍ୟର ତୀର୍ଥସ୍ଥାନ ଓ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକ ମଧ୍ୟରେ ଗମନାଗମନ ସୁବିଧା ପାଇଁ ୨୦୧୨-୧୩ରୁ ଆରମ୍ଭ ହୋଇଥିବା ସଡ଼କ ସଂଯୋଗୀକରଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ଏଥିପାଇଁ ଅତିରିକ୍ତ କେନ୍ଦ୍ରୀୟ ଅନୁଦାନ ୧୧୪.୬୭ କୋଟି ଟଙ୍କାରେ ଅଧୁରା ରାସ୍ତା ଓ ସେତୁ ନିର୍ମାଣ ସହିତ ୪୦ଟି ଅନଗୋଇଙ୍ଗ୍ ରାସ୍ତା ନିର୍ମାଣ ହୋଇଛି ଏବଂ ୭୦ କିମି ରାସ୍ତାର ଉନ୍ନତିକରଣ କରାଯାଇଛି। ୧୨୧୯କିମି ଦୈର୍ଘ୍ୟ ବିଶିଷ୍ଟ ବିଜୟୱାଡ଼ା-ରାଂଚି ସଡ଼କ ପ୍ରକଳ୍ପ ମୁଖ୍ୟତଃ ଓଡ଼ିଶାର ନକ୍ସଲ ପ୍ରଭାବିତ ୧୩ଟି ଆଦିବାସୀ ଜିଲ୍ଲା (ଓଡ଼ିଶା ନିର୍ମାଣ ବିଭାଗ ଅଧୀନସ୍ଥ ୯୮୩.୭୦ କିମି) ଭିତର ଦେଇ ଲମ୍ବିଛି। ସଂପୃକ୍ତ ଦରିଦ୍ର ଆଦିବାସୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରାଯିବାର ଲକ୍ଷ୍ୟ ନେଇ ଉକ୍ତ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ୨୦୧୨-୧୩ ମସିହାରେ ଭାରତ ସରକାର ୧୦ଟି ସଡ଼କ



ପ୍ରକଳ୍ପ ମଂଜୁରୀ କରିଥିଲେ, ଯାହାର ବ୍ୟୟ ଅଟକଳ ଥିଲା ୩୭୫.୨୫ କୋଟି ଟଙ୍କା। ଏହି ପ୍ରକଳ୍ପ ବ୍ୟୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅଧା-ଅଧା ଭାଗ ଅର୍ଥ ବହନ କରିବାର ଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ୨୦୧୩-୧୪ ମସିହାରେ ରାଜ୍ୟ ସରକାର ଆରମ୍ଭ କରିଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ "ଷ୍ଟେଟ୍ ହାଇୱେ ଡ଼େଭେଲପ୍‌ମେଂଟ ପ୍ରୋଗ୍ରାମ"। ଏହି ପ୍ରୋଗ୍ରାମ ଅନ୍ତର୍ଗତ ୪୧୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ କଟକ-ଚାନ୍ଦବାଲି ସଡ଼କ ପ୍ରକଳ୍ପ କାର୍ଯ୍ୟ ୨୦୧୭ରେ ସଂପୂର୍ଣ୍ଣ ହୋଇଥିଲା। ସେହିପରି ଢେଙ୍କାନାଳ, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଅଂଚଳର ୧୪ଟି ସଡ଼କ ପ୍ରକଳ୍ପ ୨୦୧୬-୧୭ରେ ସଂପୂର୍ଣ୍ଣ ହୋଇଛି। ସେଂଟ୍ରାଲ୍ ରୋଡ୍ ଫଣ୍ଡ୍ ସହାୟତାରେ ବ୍ରହ୍ମପୁର-ତପ୍ତପାଣି, (୪୧କିମି), ଭବାନୀପାଟଣା-ଖଡ଼ିଆଳ (୬୮କିମି), ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର (୯୫କିମି) ଓ ଜଗତପୁର-ଚାନ୍ଦବାଲି (୧୦୬କିମି) ରାସ୍ତା କାର୍ଯ୍ୟକ୍ଷମ ହୋଇସାରିଛି। ୨୦୧୩-୧୪ରେ ରାଜ୍ୟ ସରକାର ମଧ୍ୟ ଏକ ନୂଆ ଯୋଜନା "ସହରା ଳ ରାସ୍ତା ଉନ୍ନତିକରଣ" ଆରମ୍ଭ କରିଥିଲେ। କିଛିବର୍ଷ ତଳୁ ୧୨୪ଟି ରାସ୍ତା (୨୦୩.୦୯ କିମି)ର ଉନ୍ନତିକରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇସାରିଛି। ଏଥିରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୧୯ଟି ପୌରାଂଚଳ ଓ ୧୮ଟି ବିଜ୍ଞାପିତ ଅଂଚଳ ପରିଷଦ ସାମିଲ୍ ଥିଲେ। ନାବାର୍ଡ଼ ସହାୟତାରେ ୧୪୨.୭୭ କୋଟି ଟଙ୍କା ବ୍ୟୟରେ ୨୦୧୩ ଡ଼ିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତିପ୍ରସ୍ତର ସ୍ଥାପିତ ହୋଇଥିବା କଟକ-ତ୍ରିଶୂଳିଆ ମହାନଦୀ ସେତୁ (୨.୫ କିମି ଦୈର୍ଘ୍ୟ) ୨୦୧୬ ଅକ୍ଟୋବରରେ କାର୍ଯ୍ୟକ୍ଷମ ହୋଇଥିଲା। ସେହିପରି ବଡ଼ମ୍ବା-ବାଙ୍କି ଅଂଚଳରେ ରାଜ୍ୟର ସବୁଠୁ ଦୀର୍ଘତମ ସେତୁକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଇ ନିକଟରେ ଉଦ୍‌ଘାଟନ କରିଛନ୍ତି। ଏହି ସେତୁ ୩.୪ କିମି ଦୈର୍ଘ୍ୟ ବିଶିଷ୍ଟ। ଏଥିଯୋଗୁ ସ୍ଥାନୀୟ ଅଂଚଳରେ ଗମନାଗମନର ବିକାଶ ସହ ପର୍ଯ୍ୟଟନ, କୃଷି, ବାଣିଜ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ରାଜ୍ୟର ଶହଶହ ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ ଭଳି ସରକାରୀ ଗୃହ ଏବଂ ରାସ୍ତାଘାଟର ଉଚ୍ଚମାନର ମରାମତି କାର୍ଯ୍ୟ ଉଲ୍ଲେଖଯୋଗ୍ୟ। ଆବଶ୍ୟକତା ଅନୁଯାୟୀ ରାଜରାସ୍ତା ଓ ବିଭିନ୍ନ ସହରର ଅତି ଭିଡ ଟ୍ରାଫିକ୍‌ମାନଙ୍କରେ ଅତ୍ୟାଧୁନିକ ଓଭର ବ୍ରିଜ୍ ନିର୍ମିତ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ସେତୁ ନିର୍ମାଣାଧୀନ ରହିଛି ଓ ଆଉ କେତେକ ସେତୁ ନିର୍ମାଣର ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି। ନିର୍ମାଣ କାର୍ଯ୍ୟଧାରାକୁ ନେଇ ଏବେ କାହାରି କୌଣସି ଆପତି, ଅଭିଯୋଗ ଉଠୁନଥିବା ଦେଖାଯାଉଛି। ସରକାରୀ ନିୟମ ଆଧାରରେ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ରାଜ୍ୟରେ ନବନିର୍ମାଣ ଯୁଗ ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଯଦିଓ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ନିର୍ମଳ ଓ ଦୁର୍ନୀତିମୁକ୍ତ ଶାସନର ଏହା ପରିଣତି, ତଥାପି ପୂ ର୍ ବିଭାଗର ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କ ସମେତ ମୁଖ୍ୟଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନଙ୍କ ନିଷ୍ଠାପରତା ଓ କାର୍ଯ୍ୟଦକ୍ଷତା ଉଲ୍ଲେଖଯୋଗ୍ୟ। ଶାସନ ସଚିବ ବୀର ବିକ୍ରମ ଯାଦବ ସଚିବ ଭାବେ ଯୋଗ ଦେବା ପରେ ରାଜ୍ୟରେ ନିର୍ମାଣ କାର୍ଯ୍ୟ ବେଶ୍ ଦ୍ରୁତ ହୋଇଥିବା ଦେଖାଯାଉଛି। ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ଏଥିପୂର୍ବରୁ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରି ବହୁ ସଂସ୍କାର ଆଣିଛନ୍ତି। ସବୁଠୁ ବଡ଼କଥା ହେଲା, ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ପୂର୍ତ୍ତ ବିଭାଗର ଶାସନ ସଚିବ ପଦରେ ଯୋଗଦେବା ପରେ ପରେ ନିର୍ମାଣ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା ସମାଧାନ କରାଇବାରେ ସକ୍ଷମ ହୋଇପାରିଛନ୍ତି। ଇତିମଧ୍ୟରେ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ ନିଜର ପ୍ରଚଣ୍ଡ ପ୍ରଶାସନିକ ଦକ୍ଷତାର ପ୍ରମାଣ ସ୍ୱରୂପ ସାରା ରାଜ୍ୟରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଇବା ସହ ନିର୍ମାଣଜନିତ ବହୁ ସମସ୍ୟାର ସମାଧାନ କରାଇପାରିଛନ୍ତି। ପ୍ରତ୍ୟେକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତୁତ ବ୍ୟୟ ଅଟକଳ ଠିକ ଓ ବ୍ୟବସ୍ଥିତ ଢଙ୍ଗ ତଥା ପ୍ରଶାସନିକ ମଞ୍ଜୁରୀ ଦେବାବେଳେ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କର ସତର୍କତା ଓ ବ୍ୟାପକ ସମୀକ୍ଷା ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ବୋଲି ନିର୍ମାଣ ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେହିପରି ନିୟମିତ ବ୍ୟବଧାନରେ ବ୍ୟବସ୍ଥିତ ଢଙ୍ଗ ଅନୁଯାୟୀ କ୍ୱାଲିଟି କଂଟ୍ରୋଲ ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତନଖି ଓ ଅନୁସନ୍ଧାନ ଦିଗରେ ସଚିବ ଶ୍ରୀ ବୀର ବିକ୍ରମ ଯାଦବଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣ ଏବଂ ସେମାନଙ୍କ ମନ୍ତବ୍ୟକୁ ବ୍ୟାପକ ସମୀକ୍ଷା ହିଁ ପୂର୍ତ୍ତ ବିଭାଗର କାର୍ଯ୍ୟକୁ ସଫଳତା ଦିଗରେ ଆଗେଇ ନେଉଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# ଆରୁହା ପାହାଡ଼ ବେଆଇନ କଳାପଥର ଖାଦାନରେ ତହସିଲଦାରଙ୍କ ମାପଚୁପ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ପାହାଡର ପ୍ଲଟ ନଂ-୨୮୧୦ରେ ଥିବା ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ ହୋଇଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ପରେ ଧର୍ମଶାଳା ତହସିଲ ପକ୍ଷରୁ ସେଠାରେ ମାପଚୁପ କରାଯାଇଛି। ସୂଚନା ମୁତାବକ, ଆରୁହା କଳାପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ତାଙ୍କର ଏକ ବେଆଇନ ଭାବେ କ୍ରସର ଚଳାଉଥିବା ନେଇ ସ୍ଥାନୀୟ ଅଂଚଳର ମନୋରଂଜନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳୀନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ଉକ୍ତ ଖାଦାନରୁ ବେଆଇନ ଭାବେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ସମ୍ପୃକ୍ତ ବେଆଇନ ଖାଦାନର ଇଜରାଦାର ଏହି ଟଙ୍କା ଭରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରି ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ଅକ୍ଟୋବର ୨୫ ତାରିଖ ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହାକୁ ନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ସ୍ଥାନୀୟ ଆରଆଇ ଓ ଅମିନକୁ ନେଇ ବେଆଇନ ଭାବେ ଖନନ ହୋଇଥିବା ସଇରାତକୁ ମାପଚୁପ କରିଛନ୍ତି।

# ଯୌତୁକ ପାଇଁ ନବବଧୂ ହତ୍ୟା ଅଭିଯୋଗ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ପ୍ରଭାକର ସାହୁଙ୍କ ପତ୍ନୀ କବିତା (୨୩)ଙ୍କ ବୁଧବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ଅଧିକ ଯୌତୁକ ପାଇଁ ତାଙ୍କ ଝିଅକୁ ଶାଶୁଘର ଲୋକେ ହତ୍ୟା କରିଥିବା ବାପା ବାଲିଚନ୍ଦ୍ରପୁର ଥାନା ପଟୁଣିଆ ଗ୍ରାମର ଜଗବନ୍ଧୁ ସାହୁ ଗତକାଲି ଥାନାରେ ଏତଲା ଦେଇଛନ୍ତି। ଶାଶୁଘର ଲୋକେ କବିତାକୁ ହତ୍ୟାକରିବା ପରେ ଆତ୍ମହତ୍ୟାର ରୂପ ଦେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମାତ୍ର ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ମୃତା କବିତାଙ୍କ ଶାଶୁ ଭାରତୀ ସାହୁ ପୁଲିସ୍ ନିକଟରେ ବୟାନ ଦେଇଛନ୍ତି। ଅଭିଯୋଗ ପାଇ ପୁଲିସ୍ ମୃତଦେହକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ଡାକ୍ତରଖାନାକୁ ପଠାଇଛି। ୫୫୨/୨୨ରେ ଏକ ମାମଲା ରୁଜୁ କରି ସାଇ ିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମିର୍ଜାପୁର ଗ୍ରାମର ପ୍ରଫୁଲ୍ଲ ସାହୁଙ୍କ ପୁଅ ପ୍ରଭାକର ଗତ ଜୁଲାଇ ୭ ତାରିଖରେ ପଟୁଣିଆ ଗ୍ରାମର ଜଗବନ୍ଧୁ ସାହୁଙ୍କ ସାନଝିଅ କବିତାଙ୍କୁ କୋତପୁର ବୃଦ୍ଧଲିଙ୍ଗ ମନ୍ଦିରରେ ବିବାହ କରିଥିଲେ। ବିବାହ ସମୟରେ ୮୦ହଜାର ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଆସବାବପତ୍ର ଯୌତୁକ ବାବଦକୁ ଦିଆଯାଇଥିଲା। ହେଲେ ବିବାହର ଏକ ସପ୍ତାହ ପରେ ଅଧିକ ଯୌତୁକ ଆଣିବାପାଇଁ ଶାଶୁଘର ଲୋକେ ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। କବିତାର ଦେହ ଖରାପ ଅଛି। ସେ ଧର୍ମଶାଳା ଡାକ୍ତରଖାନାରେ ଅଛି ବୋଲି ଶାଶୁଘର ଲୋକେ ଗତକାଲି ବାପଘରକୁ ଖବର ଦେଇଥିଲେ। ସେମାନେ ଡାକ୍ତରଖାନାକୁ ଆସି ଦେଖିଲା ବେଳକୁ ତାଙ୍କ ଝିଅ ମରିଯାଇଛି। ଶରୀରର ବିଭିନ୍ନ ସ୍ଥାନରେ ଦାଗ ଓ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଥିଲା। ବିବାହକୁ ତିନିମାସ ପୂରିନଥିବା ବେଳେ ଶାଶୁଘର ଲୋକେ କବିତାଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପଦେବା ପାଇଁ ବେକରେ ରଶି ଲଗାଇ ଝୁଲାଇ ଦେଇଥିଲେ ବୋଲି ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ମୃତା କବିତାର ସ୍ୱାମୀ ପ୍ରଭାକର ଏବେ ହାଇଦ୍ରାବାଦରେ ଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।




# ଜୀବନ ସଂଗ୍ରାମ



**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ବନ୍ୟା ଆସି ମୂଳପୋଛ କରିଦେଲା ଶହ ଶହ ଗାଁ ଗଣ୍ଡା, ସହର । ଉଜାଡି ଦେଇଗଲା ସହସ୍ର ଲୋକଙ୍କ ସଂସାର । ସେ ସିନା ଫୁଲେଇ ହୋଇ ଆସି ତାର ରାଗ ଶାନ୍ତ କରି ଚାଲିଗଲା, ହେଲେ ସାଙ୍ଗରେ ନେଇଗଲା ଅନେକଙ୍କର ଘରଦ୍ୱାର, ଧନଜୀବନ ଓ ତା ସହିତ ସେମାଙ୍କର ସୁଖ ଓ ଶାନ୍ତି । ପ୍ରକୃତରେ ମଣିଷ ନିଜକୁ ସାନ୍ତ୍ୱନା ଦେଇପାରେ । ସେଥିପାଇଁ ବଂଚିବା ସକାଶେ ସଂଗ୍ରାମ ଜାରି ରଖେ । ଯେତେ ଦୁଃଖ, ଝଡ ଝଞ୍ଜା ଆସୁନା କାହିଁକି ଜୀବନ ଜିଇଁବା ପାଇଁ ବିକଳ ହୁଏ । ଆଉ କିଛି ପାଇଁରେ ନ ଥିଲେ ନାଇଁ ଜୀବନଟା ତ ଅଛି, ବଞ୍ଚିବାକୁ ତ ହବ । ବଞ୍ଚିବାର ଇଚ୍ଛା ନ ଥିଲେ ବି ବଞ୍ଚିବାକୁ ପଡେ, ମଲାଯାଏ । ବନ୍ୟାପ୍ଳାବିତ ଅଞ୍ଚଳ ଗୁଡିକରେ ।ଖୁଧାର୍ତ୍ତ, ବାସହୀନ, ଅସହାୟ ଲୋକଙ୍କ ପାଇଁ ରିଲିଫ ବଣ୍ଟା ଚାଲିଥାଏ । ରିଲିଫକେନ୍ଦ୍ରରେ ସର୍ବହରା ଲୋକଗୁଡିକ ଧାଡି ଲଗାଇ ଖାଇବା ଆଶାରେ ଠେଲାପେଲା ହଉଥାନ୍ତି । ସମସ୍ତେ ଜାଣନ୍ତି ଏକାଠି ହେଲେ ଆରମ୍ଭ, ମିଳିମିଶି ରହିଲେ ଉନ୍ନତି ଏବଂ ଯେ କୌଣସି ସମସ୍ୟା ର ସମାଧାନ ର ସୂତ୍ର ମିଳିପାରିବ ; ହେଲେ ଉଦର ଜ୍ୱାଳା ଆଗରେ ସବୁ ଫିକା ପଡ଼ିଯାଏ । ଏହି ଭୋକ ହିଁ ତ ସବୁବେଳେ ମାନବିକତାର ହତ୍ୟା କରିବା କୁ ଉସକେଇଥାଏ । ସବୁ ସମ୍ପର୍କ ଠାରୁ ଗା ? ଏଇ ଭୋକ ଓ ପେଟର ସମ୍ପର୍କ । କେମିତି ନିଜେ ବେଶୀ ଭାଗ ଖାଦ୍ୟ ନେଇ ନିଜର ଓ ନିଜ ପରିବାରର ର ଭୋକ କୁ ପ୍ରଥମେ ଶାନ୍ତ କରିବେ ସେହି ପ୍ରତିଯୋଗିତାରେ ସମସ୍ତେ ଲାଗିପଡିଥାନ୍ତି । ସବୁଦିନ ପରି ଆଜି ମଧ୍ୟ ବୃଦ୍ଧାଜଣକ କିଛି ପାଇବା ଆଶାରେ ଆସିଥିଲା, ହେଲେ ତା ପାଳି ଆସିଲା ବେଳକୁ ପୁଣିଥରେ ସବୁ ଶେଷ ହୋଇଗଲା । ଗତ ଚାରିଦିନ ହେଲା ତା ସହ ଏମିତି ହୋଇଚାଲିଛି । ବନ୍ୟା ତା ଠାରୁ ସବୁ ଛଡେଇ ନେଇଗଲା ପରେ ମରିବାକୁ ହିଁ ସେ ଅପେ।। କରି ବସିଛି, ହେଲେ ପିଣ୍ଡରେ ପ୍ରାଣ ଥିଲା ଯାଏ ଭୋକ ତ ଦାଉ ସାଧୁଛି । ନିରାଶ ମନରେ ଫେରିଯାଉଥିବାବେଳେ ସେ ଦେଖିଲା, କାହାର ଖାଦ୍ୟ ପୁଡ଼ିଆଟିଏ ତଳେ ପଡିଛି । ବୋଧହୁଏ ଧସ୍ତାଧସ୍ତି ରେ କାହା ଅଣ୍ଟି ରୁ ଖସିପଡିଥିଲା । ଚାତକ ଭଳି ଚାହିଁବସିଥିବା ଆଖି ଦୁଇଟି ସାଙ୍ଗେ ସାଙ୍ଗେ ଆଦେଶ ଦେଲା କତରାଲଗା ବୃଦ୍ଧ ଶିରାଳ ହାତ ଦୁଇଟାକୁ ଖାଦ୍ୟ ପୁଡ଼ିଆଟି ଉପରେ ଝାମ୍ପ ପକେଇବା ପାଇଁ । ତାକୁ ପାଇବା ପରେ ବୁଢ଼ୀଟିର ମୁଖମଣ୍ଡଳରେ ଖେଳିଗଲା ଏକ ଯୁଦ୍ଧ ଜୟ କରିବାର ପରମତୃପ୍ତି । ପୁଡ଼ିଆଟିକୁ ଖୋଲି ସର୍ବଗିଳା ଙ୍କ ଭଳି ଚାରି ଗ୍ରାସ ରେ ଖାଦ୍ୟତକ ଶେଷ କରିଦେଇଥାନ୍ତା ସେ । ହେଲେ ବିବେକ ତାର ବାଧା ଦେଲା ;ଯେତେବେଳେ ସେ ଦେଖିଲା ଛୋଟ ପିଲାଟିଏ ଲୋଭାତୁର ହୋଇ ତା ଆଡକୁ ଅପଲକ ନୟନରେ ଅନେଇଛି । ଚାରି କି ପାଞ୍ଚବର୍ଷ ର ପିଲାଟିଏ, ଖଣ୍ଡେ ଚିରା ହାଫ ପ୍ୟାଣ୍ଟ ପିନ୍ଧିଚି । ଶରୀର ତାର ଯେମିତି ହାଡ ଉପରେ ଚମ ର ଛାଉଣି । ଦୁଃଖ, ଅସହାୟତା ଓ ଅଭାବ ସବୁ ଏକାବେଳେକେ ଯେମିତି ତାର କାୟା କୁ ମାଡ଼ିବସିଛନ୍ତି । ଏକମାତ୍ର ଇପସିତ ବସ୍ତୁ ଟି ଯେମିତି ଖାଦ୍ୟ ଓ କେବଳ ଖାଦ୍ୟ ତା ପାଇଁ । ବୁଢ଼ୀ ଟି ପ୍ରଥମେ ବିରକ୍ତିରେ ପିଲାଟି ଆଡକୁ ଅନେଇଲା । ଏତେ ଦିନ ପରେ ସେ ଟିକେ ପେଟପୁରା ଖାଇବାକୁ ପାଇଥିଲା । ତାର ଜମା ଇଛା ନ ଥାଏ କାହା ସହିତ ଭଗବାଣ୍ଟା କରିବା ପାଇଁ । ହେଲେ ଯେତେ ହେଲେ ନାରୀ ତ ! ମମତା, କରୁଣା, ବାତ୍ସଲ୍ୟ ତାର ପରିଚୟ । ପିଲାଟିକୁ ଅଣଦେଖା କରି ବୁଢ଼ୀ ଖାଦ୍ୟ ପାଟିକୁ ନେଇପାରିଲା ନି । ତା ଲୋଚାକୋଚା ମୁହଁ ରେ ଖେଳିଗଲା ଚେନାଏ ହସ । ସେହି ହସ ରେ ଆମନ୍ତ୍ରଣ ଥିଲା, ଖାଦ୍ୟକୁ ବାଣ୍ଟିବାର ସମର୍ଥନ ଥିଲା । ଗୁଣ୍ଡା ଟି କୁ ତଳେ ରଖିଦେଇ ସେଇ ଅଇଁଠା ହାତରେ ଠାରି ପିଲାଟିକୁ ପାଖକୁ ଡାକିଲା । କୌଣସି ନିକଟ ସମ୍ପର୍କୀୟ ଭଳି ନିଜେ ଗୁଣ୍ଡା ଗୁଣ୍ଡା କରି ପୁରା ପୁଡ଼ିଆଟା ଯାକ ଖାଦ୍ୟ ସେ ଛୁଆଟିକୁ ଖୁଆଇଦେଲା । ପିଲାଟି ଖୁସିରେ ଖାଇବା ତକ ଉଦରସ୍ଥ କରି ଗୈଡ଼ିଗଲା ପୁଣିଥରେ ରିଲିଫ କେନ୍ଦ୍ର ଆଡକୁ । ସନ୍ଧ୍ୟାରେ ପୁଣିଥରେ ଖାଦ୍ୟ ବଣ୍ଟନ ହେଲା । ପିଲାଟି ଦ୍ୱିପହରୁ ଜଗିକି ସେଇଠି ସେମିତି ବସିଥାଏ । ଧାଡି ର ସବା ଆଗରେ ଛିଡା ହୋଇ କୌଣସି ମତେ ଲୁଚେଇ ଦୁଇଟି ଖାଦ୍ୟ ପୁଡିଆ ଆଣିବାକୁ ସ।ମ ହୋଇଗଲା । ଖୁସିରେ ଆତୁର ହୋଇ ଖୋଜିବୁଲିଲା ବୁଢ଼ୀ କୁ । ବୁଢ଼ୀ ତାକୁ ଯେଉଁଠି ଏଇ ଦେଇଥିଲା ସେଠିକୁ ଯାଇ ଦେଖିଲା, ବୁଢ଼ୀ ଗୋଟିଏ ପଥର କୁ ଆଉଜି ଶୋଇପଡିଛି । ତାକୁ ହଲେଇ ହଲେଇ ଉଠେଇବାକୁ ଚେଷ୍ଟା କଲା ପିଲାଟି । ତା ଆଖିରେ ଥାଏ ଗୋଟିଏ ଚମକ । ସତେକି କିଛି ମୂଲ୍ୟବାନ ବସ୍ତୁ ସେ ପାଇଛି ଯେମିତି ! ‘ ଦେଖ ମୁଁ ଆମ ଦୁଇ ଜଣଙ୍କ ପାଇଁ ଖାଇବା ଆଣିଛି । ତୁ ଆଉ ଜମା ଭୋକିଲା ରହିବୁନି । ଆସ... ଆସ, ମୁଁ ତୋତେ ଏଇ ଦଉଛି ।‘ ହେଲେ ପିଲାଟିର ଶବ୍ଦ ସବୁ ଶୂନ୍ୟରେ ମିଳେଇଗଲା । ବୁଢ଼ୀ ଶୋଇପଡିଥିଲା ଚିରନିଦ୍ରାରେ । କୋଳରେ ତାର ସକାଳର ଅଇଁଠାପତ୍ର ଟି ସେମିତି ଜାକି ହୋଇ ରହିଥିଲା ଶାଢ଼ୀ ର କାନି ପଣତ ଭିତରେ । ପିଲାଟି ହାତରୁ ଖସିପଡିଲା ଖାଦ୍ୟ ପୁଡିଆ ଦିଟା ଯାକ ।

ପିଲାଟି ଏତେ ସଂଗ୍ରାମ କରି ଆଣିଥିବା ଖାଦ୍ୟ ଟିକକ କୁ ଖାଇବା, ଜୀବନ ସଂଗ୍ରାମ ରେ ହାରିଯାଇଥିବା ବୁଢ଼ୀ ପରେ। ଆଉ ସମ୍ଭବ ନ ଥିଲା ।

ବିବେକାନନ୍ଦ ମାର୍ଗ,
ଭୁବନେଶ୍ୱର – ୨
ଫୋନ – ୬୩୭୦୫୧୬୪୭୮

# ସ୍ମୃତିରେ ବର୍ଷାଦିନ



**ସୁଦର୍ଶନ ମହାପାତ୍ର**

ବର୍ଷାଦିନ ଆସିଲେ ବିନୟର ମନେପଡେ ବେଶି ବେଶି ଗାଁ କଥା ।ମନେପଡେ ରଫ୍ ଖାତା ଚିରି ତିଆରି କରିଥିବା କାଗଜଡଙ୍ଗା କଥା ।ଚାଳ ନିଗିଡା ବର୍ଷା ପାଣି ଝରଣା ରୂପ ନେଇ ସୁଅ ହୋଇ ଗାଁ ଦାଣ୍ଡରେ ବହିଯିବା କଥା। ବର୍ଷା ଛାଡୁ ଛାଡୁ ମାଟିରୁ ଚହଟି ଯାଉଥିବା ବାସ୍ନା ତା' ମନକୁ ଚହଟେଇ ଦିଏ ଆଜି ବି ।ପଡିଆ ଭୂଇଁରେ,ଅରମା ଭିତରୁ ମୁଣ୍ଡ ଟେକି ନିଜର ଅସ୍ତିତ୍ୱ ପ୍ରତିପାଦନ କରି ବସନ୍ତି ନାନା ଜାତିର ଛତୁ ମାନେ। ପୁଣି ନାଳି ଗୁରୁ ଗୁରୁ ସାଧବବୋହୂଙ୍କ ଉପସ୍ଥିତି ବିନୟକୁ ମନେ ପକେଇ ଦିଅନ୍ତି, ତା'ର ପ୍ରଥମ ପ୍ରେମ ଏମିତି ବେଶରେ ଗାଁ ମାଟି ଡେଇଁ ବୋହୂ ହୋଇଯିବାର କଥା।

ଆଜି ରବିବାର। ଗତକାଲିଠାରୁ ହେଉଥିବା ଲଘୁଚାପ ଜନିତ ବର୍ଷା ଆଜି ସକାଳ ପର୍ଯ୍ୟନ୍ତ ବି ହେଉଥିଲା । ଅବଶ୍ୟ ଅଳ୍ପ ଅଳ୍ପ। କାଲି ମାଗି ଆଣିଥିବା ବନ୍ଧୁ ଦୀପକର ରେନକୋଟ ଫେରେଇବାକୁ ଯାଇଥିଲା ବିନୟ ।ଦୀପକ ଙ୍କ ଗାଁ ରୁ ତା' ସାନଭାଇ ପାଚିଲା ତାଳ କେତୋଟି ନେଇ ଆସିଥିଲା ତ ବିନୟକୁ ସେଥିରୁ ଦୁଇଟି ଯାଚିଲା ସେ। ସେଇଠୁ ବିନୟର ମନେ ପଡିଲା ନିଜ ଗାଁ କଥା। ଏଇ ବର୍ଷାଦିନ ଆସିଲେ ଗାଁ ଶେଷ ମୁଣ୍ଡ ଜାମୁକୋଳି ଗଛରେ ଭର୍ତ୍ତି ହୋଇଥିବା ଟହଟହ କୋଳି କଥା ଆଉ ତାଳ ବାଉଙ୍ଗା ସନ୍ଧିରୁ ଦୃଶ୍ୟମାନ ପାଚିଲା ତାଳ କଥା ବିନୟର ମନେ ପଡିଲା। ଦୁଇଟି ଯାକ ଫଳର ରଙ୍ଗ ପ୍ରାୟ ଏକା ପ୍ରକାର। ଦୁହେଁ ମିଠା ମିଠା ।ଅଙ୍କାବଙ୍କା ଡାଳ ମାନଙ୍କୁ ପାହାଚ କରି ଜାମୁକୋଳି ଗଛକୁ ସିନା ଅନାୟାସରେ ଚଢିଯାଇହୁଏ, ମାତ୍ର ଗୁଣ୍ଡୁଚି ମୂଷା ପରି ତାଳଗଛ ଚଢି ପାରେନା ବିନୟ । କେବେ କେବେ ପାଚି ଝଡିଥିବା ତାଳକୁ ହିଁ ଘରକୁ ନେଇଆସେ ମୁହଁ ଅନ୍ଧାରରୁ... କାହା ନଜର ପଡିବା ଆଗରୁ...!

ଦୀପକକୁ ବିଭିନ୍ନ କାରଣ ଦେଖାଇ ତାଳ ନେବାକୁ ମନା କରିବା ସତ୍ତ୍ୱେ ତା'ର ପତ୍ନୀ ଦୀପା ନିଜେ ପ୍ରସ୍ତୁତ କରିଥିବା ମଣ୍ଡରୁ କିଛି ଗୋଟିଏ ବୋତଲରେ ଭରି ତା ହାତକୁ ବଢେଇଲେ ଏବଂ ସେଥିରେ ସୁଜି ମିଶାଇ ପିଠା ଛାଣିବାକୁ ପରାମର୍ଶ ଦେଲେ। ତାଳ ପିଠା ପ୍ରତି ବିନୟର ଦୁର୍ବଳତା କଥା ଦୀପକ ବୋଧହୁଏ ଆଗରୁ ଜାଣିଥିଲା...!

ଘରେ ଆସି ବିନୟ ପହଁଚିଲା ତ ତା' ପାଇଁ ଅପେ।। କରି ସେପର୍ଯ୍ୟନ୍ତ ନଖାଇ ବସିଥିବା ବିନି ଦି'ପଦ ଶୁଣାଇ ଦେଇ ନିଜର ରାଗ ପରିପ୍ରକାଶ କଲା। ବିନୟର ଡେରି ହେବାର କାରଣ ସବୁ ଶୁଣି ମଧ୍ୟ ।ମା ଦେବାର ମୁଡରେ ଯେମିତି ବିନି ନଥିଲା।

ତା' ସହିତ ବିନୟ ଆଣିଥିବା ତାଳମଣ୍ଡ ଯେମିତି ଘିଅରେ ନିଆଁ ସଦୃଶ ହେଲା ।ବିନିର ମୁଡ୍ ଖରାପ ହୋଇଗଲା ପରି ବିନୟର ମନେହେଲା। ତାଳମଣ୍ଡରେ ତିଆରି ହେଉଥିବା ବିଭିନ୍ନ ପ୍ରକାରର ପିଠା ବିନିକୁ ହୁଏତ ଭଲ ଲାଗେନା କିମ୍ବା ସେସବୁକୁ ତିଆରି କରିବା ପ୍ରଣାଳୀ ତାକୁ ହୁଏତ ଜଣା ନାହିଁ ଲାଗିଲା ବିନୟକୁ।

ପିଲା ଦୁହିଁଙ୍କୁ ତାଳମଣ୍ଡରେ ହେଉଥିବା ବିଭିନ୍ନ ପିଠା ବିଷୟରେ, ପୁଣି ତାଳ ରୁ ତିଆରି ହେଉଥିବା ଗୁଡ ତିଆରି ପ୍ରଣାଳୀ, ତାଳ ସଜ,ତାଳ ଗଜା ଇତ୍ୟାଦି ବିଷୟରେ ବିବରଣୀ ପ୍ରଦାନ କରୁଥିଲା ବିନୟ। ଦୀପକ ଅଙ୍କଲ୍ ଓ ଦୀପା ଆଣ୍ଟି ତୁମ ଦୁଇ ଜଣଙ୍କୁ ତାଳ ପିଠା ଖାଇ କେମିତି ଲାଗିଲା ଜଣାଇବାକୁ କହିଛନ୍ତି।

–‘ ପିଲାଦୁହେଁ କିମ୍ବା ମୁଁ ଏ ତାଳମଣ୍ଡରେ ତିଆରି ପିଠା ଖାଇବୁ ନାହିଁ। ତୁମେ ଲୋଭକରି ସେତକ ମାଗି ଆଣିଛ ,ଖାଇବ ଯଦି କୁହ ?‘ ଏ ପ୍ରଶ୍ନ ର ଉତ୍ତର କ'ଣ ଆଉ ଦେଇ ପାରିଥାନ୍ତା ବିନୟ !

–‘ ତାହେଲେ ଥାଉ।‘ ସଂକ୍ଷିପ୍ତ ଉତ୍ତର ବିନୟର।

–‘ ତୁମର ଇଛା ଅଛି ମୁଁ ଜାଣେ। ମୁଁ ଚାଉଳ ଭିଜଉଛି। ଯଦି ଖରାପ ଲାଗିବ ମୋତେ କିଛି କହିବନି। ତୁମେ ସବୁ ଖାଇବ ତ ?‘ ଏକ ପ୍ରକାର ଜେରା କଲା ଭଳି ପ୍ରଶ୍ନ !

–‘ ଆଣ ସେ ତାଳମଣ୍ଡ କୁ ତାହେଲେ ମୁଁ ଆଉଟି ଦେଉଛି।‘ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ବିନୟ କହିଲା।

–‘ ଥାଉ ଥାଉ ତୁମେ ଯାଇ ବସ। ଯାହା ଯେମିତି ହେବ ମୁଁ କରିବି। ଖରାପ ଲାଗିଲେ କିନ୍ତୁ ମୋତେ କହିବ ନାହିଁ। ନହେଲେ ତୁମ ଦୀପା ମାଡାମ କୁ କହିବ ଆଉଦିନେ ତୁମକୁ ନିମନ୍ତ୍ରଣ କରି ତାଳପିଠା ଖୁଆଇବେ।‘

–‘ ତୁମେ ଗୋଟିଏ କାମ କର। ସେଥିରୁ ଅଳ୍ପ କିଛି ମଣ୍ଡ ଢାଳି ରଖିଦିଅ। ବାକିତକ ଫେରେଇ ଦେବି ତାଙ୍କୁ ।କହିବି ପିଲାଦୁହେଁ ଖାଆନ୍ତିନି ବୋଲି।‘ ଭଲ ଉପାୟ ଟିଏ ବାହାର କରିଛି ବୋଲି ମନେ ମନେ ବିବେଚନା କଲା ବିନୟ।

–‘ ମୁଁ ସବୁ ବୁଝୁଛି। ଯଦି ଖାଇବାକୁ ଇଚ୍ଛା କେମିତି କ'ଣ ହେବ କରୁନା ।ପିଲାଦିନୁ ମୋତେ ଏଗୁଡା ଭଲ ଲାଗେନା। କେମିତି ଗୋଟିଏ ଆଇଗିଣିଆ ଲାଗେ।‘ଏତିକି କହିଲା ଭିତରେ ବିନୟ ଆଡକୁ ବକ୍ର ଦୃଷ୍ଟି ପକେଇଲା ବିନି।

–‘ କାହିଁ ନାଇଁ ତ ! ବୋଉ ତାଳ ପିଠା କଲେ ଆମେ ଖୁସିରେ ଖାଉ। ସେ ପିଠାର ଅଲଗା ବାସ୍ନା !‘ ବିନୟ ଟିପ୍ପଣୀ ରେ କିଛି ମତାମତ ନଦେଇ ବିନି ଚାଲିଗଲା ରୋଷେଇ ଘରକୁ।

ଏତିକି ବେଳକୁ ବିନୟର ମନେ ପଡିଲା ବୋଉର ତାଳପିଠା କରିବାର ଉପାୟ ଆଉ ପିଲାଦିନର କଥା ।ପନିକିରେ ବୋଉ ଆଗ ଚାଂଛି ପକାଏ ପାଚିଲା ତାଳ ସବୁକୁ ।ତାଳ ରସକୁ ଚୁଲିରେ ବସାଇ ଫୁଟାଏ କିଛି ସମୟ। ସେଇ ତାଳମଣ୍ଡ ଆଉ ଚାଉଳ ମିଶାଇ ଶିଳରେ ବାଟି ପିଠଉ କରେ ।ତାଓ୍ୱାରେ ପିଠଉ ଢାଳି ପିଠା କଲାବେଳକୁ ସତେ ଯେମିତି ସୁନେଲି ଆଭାରେ ବିମଣ୍ଡିତ ସୂର୍ଯ୍ୟ ଉଭା ହୁଅନ୍ତି ସାମ୍ନାରେ। ଆମ ତିନି ଭାଇଭଉଣୀଙ୍କ ମୁହଁରେ ଯେମିତି ଖୁସିର କିରଣ ବିଞ୍ଚି ହୋଇପଡେ।

ବୋଉ ହାତର ତାଳ ମଣ୍ଡଦିଆ ପୋଡ ଆହୁରି ସ୍ୱାଦିଷ୍ଟ ।ନିଦ ଭାଙ୍ଗିଲା ବେଳକୁ ଘର ସାରା ମହମହ ବାସ୍ନା। କୌଣସି ପ୍ରକାର ଦାନ୍ତ ମାଜି ବିନୟ ବାରମ୍ବାର ରୋଷେଇ ଘର ଯାଇଁ ଚାହିଁ ଆସୁଥାଏ ଲୁହା କଡ଼ ?ଇ ଉପରେ ବସିଥିବା ପୋଡପିଠା ଟିକୁ। ଏତିକି ବେଳକୁ ଶୁଭେ ସତୀ ନାନୀର ସ୍ୱର –‘ ବୋଉ,ହେଇ ଦେଖ ତୋ' ଗେହ୍ଲା ପୁଅକୁ! କେମିତି ଡାଆଣା ଭଳିଆ ଚାହିଁଛି ପୋଡପିଠା କୁ। ତାକୁ ଆଗ ଆସି ଖଣ୍ଡେ କାଟି ଦେ ।ପେଟୁଟା କୋଉଠିକାର..।‘

ଏତିକି ରେ ବିନୟ ଚିହିଁକି ଉଠେ ।–‘ ତୋର କ'ଣ ହେଲା ସେଠୁ ? ଟିକିଏ ଆଗରୁ ତୁ ଏ ଘରକୁ ଆସିଥିଲୁ ତ, ମୁଁ କ'ଣ ଦେଖିନି ଭାବୁଚୁ...!!!‘

ବୋଉ ଫିକ୍ କିନା ହସିଦେବ ସେଇଠୁ।

–‘ ଓଃ, ହେଲା ଏବେ ଟିକିଏ ସମ୍ଭାଳ। ମୁଁ ବାସିକାମ ସାରିଦିଏ ଟିକେ। କାଲି ରାତିର ଅଇଁଠା ବାସନ ମଜା ହୋଇନି ଏଯାଏଁ।‘

ପନିକିରେ ପୋଡପିଠା କାଟିଲା ବେଳକୁ ତିନି ଭାଇଭଉଣୀ ଘେରି ରହିଥାନ୍ତି ବୋଉକୁ। ତିନି ଚାରୋଟି ଖଣ୍ଡ ଖାଇ ସାରିଲେ ଯାଇଁ ବିନୟର ମନ ଭରେ। ଦିନ ସାରା ପୁଣି ଖଡେ ଖଡେ ଖୁଆ ଚାଲିଥିବ ସମସ୍ତଙ୍କର। ହେଲେ ବିନୟ ଜାଣିବାରେ ସେ ହିଁ ବେଶି ଖାଇଥାଏ। ବାପା ଅତି ବେଶିରେ ଚାରି ପିସ୍ ହିଁ ଖାଆନ୍ତି। ସମସ୍ତେ ବୋଉ ପାଇଁ କେତେ ଖଣ୍ଡ ସାଇତିବା ବେଳେ, ବୋଉ ତା ଭାଗର ପିଠାରୁ ନିଶ୍ଚୟ ବିନୟକୁ ଲୁଚେଇକି ଦିଏ। ହେଲେ ଏ ଲୁଚାଣିଆ ଖବରକୁ ନିଜେ ହିଁ ବୋକାଙ୍କ ଭଳି ପ୍ରଘଟ କରିଦିଏ କେତେବେଳେ ଅନ୍ୟମନସ୍କ ହୋଇ। ତା' ପ୍ରତି ପ୍ରଯୁଜ୍ୟ ହେଉଥିବା ଅପମାନ ସୂଚକ ‘ପେଟୁ‘ ଶବ୍ଦକୁ ଏଥର ସାଦରେ ଗ୍ରହଣ କରିବାକୁ ଆଉ କୁଣ୍ଠାବୋଧ କରେନା ବିନୟ।

–‘ ଆରେ ତୁ ତାଳମଣ୍ଡ ପିଠା ଖାଇବୁ ? ବିନିର ପୁଅକୁ ଏ ପ୍ରଶ୍ନରେ ବିନୟର ଅନ୍ୟମନସ୍କତା ଭାଙ୍ଗିଗଲା।

–‘ତୁ ତ କେବେ କରି ନାହୁଁ ।କଲେ ସିନା ଖାଇବି।‘ ପୁଅ ଧୀର କଣ୍ଠରେ କହିଲା।

–‘ ହଁ,ମାମା କର। ମୁଁ ଖାଇବି।‘ ଝିଅ ଆସି କହିଲା ଆଗ୍ରହରେ।

–‘ ମୁଁ ଜାଣିଛି ତୁମେମାନେ ଜମା ଖାଇବନି। ସେ ମଣ୍ଡ ମୁଁ ଚାଖିଥିଲି। କେମିତିକା ଗୋଟେ ଲାଗୁଛି। ସବୁତକ ପିଠଉ ପୁଣି ଫୋପଡା ହେବ।‘

ପିଲା ଦୁହେଁ ଚୁପ୍ କରି ପୁଣି ଚାଲିଗଲେ ସେଇଠୁ।

–‘ ଆଣ ସେ ମଣ୍ଡରୁ ମୁଁ ଚାଖି ଟିକିଏ। ବେଳେ ବେଳେ ତାଳ ପିତାଳିଆ ଲାଗେ। ବାସ୍ନା ବି ନଥାଏ। ବୋଉ କିନ୍ତୁ ସେସବୁକୁ ଜାଣିପାରି ଆଗତୁରା ଫୋପାଡି ଦିଏ।‘ ଏତିକି କହିଲା ଭିତରେ ବିନୟ ଚାମଚରେ ଟିକେ ମଣ୍ଡ ଆଣି ଚାଖିଲା।

–‘ ହେଃ,ସତରେ ପାଟିକୁ କେମିତିକା ଲାଗୁଛି। ପ୍ରଥମେ ତ ଜାଣି ହେଉନି, ତା'ପରକୁ ପାଟି ପିତା ପିତା ଲାଗୁଛି। ତୁମେ ସବୁତକ ଫୋପାଡି ଦିଅ। ଯେଉଁ ଚାଉଳ ଭିଜେଇଥିଲ ସେଥିରେ ସାଧା ଚକୁଳି କରିଦିଅ।‘ ବିନୟ କଥାରେ ହସିଦେଲା ବିନି।

ଟିକିଏ ସମୟ ପରେ ବର୍ଷା ଆରମ୍ଭ ହୋଇଗଲା। ଆଘ୍ରାଣରେ ଆସିଲା ରୋଷେଇ ଘରୁ ଛଣାଛଣି ର ବାସ୍ନା ।ଗରମ ଗରମ ପକୁଡି ଖାଇବା ବେଳକୁ ବିନୟ ଭାବୁଥିଲା ବୋଉ ହାତ ତିଆରି ତାଳପିଠ ଖାଇବାର ଭାଗ୍ୟ ତ ଏଠି ନାହିଁ, ସେସବୁକୁ ମନେ ପକେଇ ବର୍ଷାଦିନକୁ ହତାଦର କରିବା ଭଲ ନୁହେଁ....!!!

ପରଦିନ ସକାଳକୁ ବିନୟ ବଜାର ଯାଇ ଫେରିଲା ବେଳକୁଘରେ ତାଳ ପୋଡପିଠା ର ବାସ୍ନା। କେମିତି ? ଖୁସିରେ ଯେମିତି କୁରୁଳି ଉଠିଲା.. ଠିକ୍ ପିଲାଦିନ ପରି ।ଭିତରୁ ଶୁଭିଲା ନନାଙ୍କ ସ୍ୱର। ପିଲା ଦୁହେଁ ତାଙ୍କ ସହିତ କଥାରେ ମଜ୍ଜି ଯାଇଥିଲେ।

ବିନୟ ଘର ଭିତରକୁ ଗଲା ତ ଦେଖିଲା ପତ୍ନୀଙ୍କ ହସ ହସ ମୁହଁ।

–‘ ଯାଅ ଶୀଘ୍ର ହାତ ଧୋଇଆସ। ବୋଉ ପଠାଇଛନ୍ତି ତାଳ ପୋଡପିଠା। ବଢିଆ ଲାଗୁଛି।‘

ଏତିକି ବେଳକୁ ବିନୟ ପାଖରେ ଠିଆ ହୋଇସାରିଥିଲେ ନନା। –‘ ମୁଁ ଆସିବି ବୋଲି ତୋତେ ନଜଣାଇବାକୁ କହିଥିଲି। ବୋଉ ପରା ମୋତେ ରଖେଇ ଥୋଇ ଦେଉନି ।ସେ ଭାବୁଛି ତୁ ପିଲାଦିନ ଭଳି ଏବେ ବି ତାଳ ପୋଡପିଠା ଡାଆଣା ଅଛୁ।‘

ବିନୟ କିନ୍ତୁ ନିଜକୁ ପୁଣି ପିଲାଦିନକୁ ଫେରେଇ ନେଇ ପୋଡପିଠା ବାସ୍ନାରେ ବିମୋହିତ ହୋଇ ପଡୁଥିଲା...!!!

କୁଞ୍ଜବିହାରୀ ଲେନ,
କଟକ

## ଅବସର

*ରତ୍ନକାନ୍ତି ମିଶ୍ର*



ଠିକ୍ କରିପାରିଲ କି
କ'ଣ କରିବ ଏବେ
ଏ ମହଙ୍ଗା ବଜାରରେ ?
ଘରେ ଶୋଇଛି ରୋଗିଣା ମା'
ରୀତିମତ ଔଷଧ ଦେବାକୁ ତ ହେବ
ଏ ପର୍ଯ୍ୟନ୍ତ ପାଟି ବନ୍ଦ ରଖୁଛି ପତ୍ନୀ
ବନ୍ଧକ ଗହଣା ମୁକୁଳାଇବାକୁ ତ ହେବ !
ରାସ୍ତାକୁ ବାହାରିଯିବ ତ ଯାଅ
ଘରକୁ ଫେରିବ ତ !
ତୁମକୁ ଅପେ।। କରି ବସିଥିବ
ସଂର।ଣ ଭୋଗୁନଥିବା
ତୁମ ବେକାର ପୁଅ
କହିବ ମୂଳଧନ କିଛି ଦିଅ
ମୁଁ ବେପାର କରିବି,
ନିଜ ଗୋଡରେ ନିଜେ ଠିଆ ହେବି
କୁହ କ'ଣ କରିବ ଏବେ ?
ଝିଅଟିଏ ତଥାପି ବସିଛି
ଅଭିଆଡି ହୋଇ
ମିଳୁନି ମନଲାଖି ବର
ମିଳିଲେ ବି ଆଛୁଆଁ ଦର
ବୟସ ତ' ଅଟକୁନି ତା'ର
କ'ଣ କରିବ ଏବେ ?
ଚାକିରିରେ ତୁମେ ଥିଲ
ନିରୀହ ମେଷ ଶାବକ ଟିଏ
ଶିଖି ପାରିଲନି ଦେବା ଆଉ ନେବାର
ସୂକ୍ଷ୍ମ ଗାଣିତିକ କଳା
କାହା କଥା କୋଉ ଶୁଣିଲ !
ନା ଖାଇଲ, ନା ଖୁଆଇଦେଲ
ନା ତେଲ ମାରି କାମ ହାସଲ କଲ,
ନା କାହା ଚୁଟି ଧରି ପାରିଲ
କୁହ ତେବେ ! ଏବେ କ'ଣ କରିବ
ଅବସର ନେବା ପରେ,
ଏ ମହର୍ଘ ବଜାରରେ... ????

*ନୂଆପଡା, କଟକ*

## ମୁଁ ସମୟ

*ଆଦ୍ୟାଶା ମହାପାତ୍ର*



ଶୂନ୍ୟକୁ ରେଖାଙ୍କିତ କରି ମୁଁ
ଆକାଶକୁ ବାଣ୍ଟେ
ଟିକିଏ ସ୍ପର୍ଦ୍ଧାରେ ମୁଁ ସମୁଦ୍ରକୁ
ଉତ୍ତେଜିତ କରେ
ମାଟିରେ ଗାର ଟାଣି ଭାଗ କରେ ହୃଦୟ
ମୁଁ ସମୟ.... !
କୀଟରୁ ବ୍ରହ୍ମ ଯାଏ ମୁଁ ଗଢେ,
ମାରେ ଅବା ଜୀବନ୍ୟାସ ଦିଏ
ଇଚ୍ଛା ମାତ୍ରେ ଜୀବାତ୍ମାକୁ କରିପାରେ
ନିଃଶ୍ୱ ?ଷ୍ଟ, ନିଃସହାୟ
ମୁଁ ସମୟ..... !
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ମୁଁ ପରିକ୍ରମା
କରେ
ସଭ୍ୟତାର ଇତିହାସର ପ୍ରତିପୃଷ୍ଠାରେ
ମୁଁ ଶିରୋନାମା ହୁଏ
ରାମାୟଣ, ମହାଭାରତ ଅବା ଗୀତାର
ମୁଁ ସାରମର୍ମ ଛୁଏଁ
ପ୍ରତି ପ୍ରାଣେ ମୁଁ ତୋଳିପାରେ ପ୍ରତ୍ୟୟ
ମୁଁ ସମୟ..... !
ମୁଁ ଆଦିମତାର ପରିଭାଷା
ସ୍ଥାଣୁତ୍ୱର ପ୍ରତ୍ୟାଶା
ସ୍ୱାତନ୍ତ୍ର୍ୟର ଜିଜ୍ଞାସା
ମୁଁ ଦେଖାଏ ନିର୍ବାଣକୁ ଦିଶା
ମୁଁ ବି ରଚେ ଭେଦ, ଛିଦ୍ର, ଷଡ଼ଯନ୍ତ୍ର
ଛଳନା, ପ୍ରତାରଣା, ନିର୍ଯାତନା
କ୍ରୋଧ, ଘୃଣା, ଭୟ
ମୁଁ ସମୟ.... !
ମୁଁ ଗତି, ମୁକ୍ତି, ଆଦିଶକ୍ତି
ଦୃଶ୍ୟ, ଅଦୃଶ୍ୟରେ ମୋର ସ୍ଥିତି
ସୃଷ୍ଟିକୁ କରେ ଆବାହନ, ସଂସ୍ଥାପନ
ମୁହୂର୍ତ୍ତରେ ବି କରିପାରେ ବିସର୍ଜନ
ଭୂତ ଭବିଷ୍ୟ ବର୍ତ୍ତମାନର ମୁଁ ସମନ୍ୱୟ
ମୁଁ ସମୟ.... !

*ନୂଆପଡା, କଟକ*

## ଉର୍ବୀର ଉତ୍କଣ୍ଠା

*ସୁରେନ୍ଦ୍ର ନାଥ ସାହୁ*



ଉର୍ବୀ କହୁଛି
ଅତି ଉତ୍କଣ୍ଠାରେ।
ଅଜାଡି ଅଜସ୍ର ବାରି
ଭିଜାଇ ଦିଅ
ତନୁ ମୋହର।
ତୁମ ସଘନ ଆଲିଙ୍ଗନେ
ଦୂର ହେଉ ଅପହୃତ ।
ତାପଦିଗ୍ଧତା
ଲିଭି ଯାଉ ମନର।
ହୃଦୟର
ତଳ ବିତଳ ଅଞ୍ଚଳ
କୃପା ମଣି
ହେଉ ଶୀତଳ
ଉଦିପନ୍ନା ଜଳୁ ଦେହର।
ତନ ମୋହର
ନିବିଡ ସ୍ପର୍ଶ କାତର
ମିଳନେ ମନ ଆତୁର
ଆଛାଦି ବାନ୍ଧି ନେଇ
ସ୍ପର୍ଶ ଦିଅ ବାରିଧର
ତୁମ ବାହୁ ପାଶର।
ବୀଜ ଭୃଣ
ହୋଇ ତପ ଲିନ
କରୁଛନ୍ତି ଅନଶନ
ହେଲେ ଅଙ୍କୁରିତ
ପାଇବେ ଫଳ ମୋ।ତାର।
କରି ବି ମୁଁ
ଗର୍ଭଧାନ
ପାଇବେ ନବ ଜୀବନ
ସଫଳ ରୂପାୟନେ
ସାହାଯ୍ୟ କର।
ଚାଷୀ ମନ
ହେବ ତୋଷ
ହଟିବ ତୃଷ୍ଣାର୍ତ୍ତ କ୍ଳେଷ
ଖେଳିବ ସବୁଜିମା
ବୃ।ଦେହର।
ମୟୂର ଦେଖି ନାଚିବ
ହଳୁଆ ଗୀତ ଗାଇବ
ତେତରେ ଶୁଭିବ
ମଙ୍ଗଳ ଧ୍ୱନି ହୁଳହୁଳି
ଚାଷୀକୂଳ ବଧୂ କଣ୍ଠର।
କଳାମେଘି
ଚାନ୍ଦୁଆ ଟାଣି
ଦର୍ଶାଇ ଇନ୍ଦ୍ରଧନୁ ଠାଣି
ବିରହ ବେଦନା ମୋ
ହର ଅଚିର।
ଜାଳି ଅଚିରାଭା ବାଣ
ଦେଇ ଘଡଘଡି ସ୍ୱନ
ଆସ ପ୍ରିୟତମ
ନେଇ ପଟୁଆର।

*କଳମ୍ବ(ଡିହସାହି)*
*ପୋଲସରା, ଗଞ୍ଜାମ*
*ମୋ. ନଂ:-୮୧୨୮୯୧୯୨୫୬*

## ମଳୟର ଶିହରଣେ

*ପ୍ରୀତିରଞ୍ଜନ ନାଥ*



ପୂର୍ଣ୍ଣମୀର ଜହ୍ନାଲୋକେ,
ପୁଷ୍ପଭରା ତରୁତଳେ,
ସ୍ୱପ୍ନ ଟିଏ ଦେଖିଥିଲି ତୁମରି ଆଖିରେ।
ପାହାଡ଼ ତଳେ ନଦୀର ବାଙ୍କ ?,
ତୁମ ଗୋଲାପି ଅଧର ଫାଙ୍କ ?,
ରଙ୍ଗ ବେରଙ୍ଗ ଫୁଲର ବନେ,
ସ୍ୱପ୍ନ ଜାଗିଥିଲା ଆମର ମନେ।
ଉପନ୍ୟାସ ନାୟିକାର ଆଖିରେ
ତୁମଠାରୁ ଆଣିଥିବା ବହିର ପୃଷ୍ଠାରେ,
ମେଘରେ ଲୁଚିଥିବା ଇନ୍ଦ୍ରଧନୁ ରଙ୍ଗର,
ଆଙ୍କିଥିଲେ ଛବିଟିଏ
ସୁନ୍ଦର ପ୍ରତିଶ୍ରୁତିର।
ବହୁ ମେଘ ବର୍ଷିଗଲେ ସାଗର ବୁକୁରେ,
ଜନ୍ମ ଜନ୍ମାନ୍ତେ ଉତ୍ତାଳ
ତରଙ୍ଗ ପ୍ରତି ପୂର୍ଣ୍ଣମୀରେ,
ମରାଳ ମାନେ ଫେରି
ଯାଆନ୍ତି ବହୁ ଦୂର,
କେବେ କିନ୍ତୁ ଆସେ ନାହିଁ
ବୋଇତ ତୁମର ।
ସମୟର ବୁକୁଚିରି ବହିଯାଏ ଦକ୍ଷିଣା ପବନ,
ବର୍ଷା, ଶୀତ, କାକରରେ
ଭିଜେ ତନ ମନ,
ଅପାଶୋରା ସ୍ମୃତି
ଯେବେ କରଇ ଦହନ,
ଅଫେରନ୍ତା ତୁମ ପଥ ଦେଖୁଥାଏ ମନ।
ଯେବେ ଶୁଣେ ଦିଗବଳୟେ ନୂପୁର ନିକ୍ୱଣ,
ସ୍ପନ୍ଦିତ ହୁଏ ମନର କୋଣ ଅନୁକୋଣ,
ସ୍ମୃତିର ରାଇଜେ
ଅଙ୍କୁରୋଦଗମ କଳ୍ପନାର,
ଅଜଣା ଆନନ୍ଦେ ପୁଲକିତ
ମନ ପାରାବାର ।
ତୁମେ ଆସିବବୋଲି
ସପ୍ତରଙ୍ଗର ସଂଭାର,
ଆମ ସହରରେ ଆଜି ଫୁଲର
ପଟୁଆର ,
ପ।ୀର କାକଳୀରେ ଆନନ୍ଦର ରାଗ,
ପ୍ରସ୍ଫୁଟିତ ହୃଦୟର ଯେତେ ଅନୁରାଗ।
ମନର ବେଳାବୁକେ
ଯେତେ ସବୁ ପଦଚିହ୍ନ,
ସମୟର ଢେଉରାଜି କରି
ପାରେନା ବିଲୀନ,
ସମୟ ସାଗରେ ଲୁକ୍କାୟିତ ଯେତେ ମୁକ୍ତା,
ସ୍ମୃତିର ଅଦୃଶ୍ୟ ଖାରେ ସବୁଯାକ ଯୁକ୍ତା ।
ବଦଳିଛି ସମୟ, ବଦଳିଛି ଋତୁ,
ନାହିଁ କୃଷ୍ଣଚୂଡା,ନାହିଁ ଭଲପାଇବାର ଋତୁ
ପରିବର୍ତ୍ତିତ ସମୟରେ
ଆଜି ଦାୟିତ୍ୱବନ୍ଧା,
ମୋ ସ୍ୱର୍ଣ୍ଣାଭ ସ୍ମୃତିର
ହାସ୍ୟମୟୀ ଚପଳଛନ୍ଦା।

*ଦୁର୍ଗାପୁର,*
*ପଶ୍ଚିମବଙ୍ଗ*

## ଜୀବନ ରଥ

*ଲୋକନାଥ ମହାପାତ୍ର*



ଜୀବନ ରଥ ମୋର ଯାଉଛି ଗଡ଼ି
କେଜାଣେ କେବେ ଛିଣ୍ଡିଯିବ ?
କାଳ ଦଉଡ଼ି
ଏ ରଥ ବାହାରିଥିଲା ଦିନେ
ଜନମ ଭୂମିରୁ
ଶେଷ ହେବ ତାର ଯାତ୍ରା ଶ୍ମଶାନ ଭୂମିରୁ
ମୋହ ମାୟା ବନ୍ଧନ ସବୁ ଯିବରେ ସରି
ସାହା ହେବ କେବଳ ଏକା
ଧର୍ମରେ ଡୋରି
ଅକାଳରେ ଛିଣ୍ଡିଯାଉ ପଛେ କାଳ ଦଉଡି
କେବେ ଛିଣ୍ଡି ନ ଯାଉ ଧର୍ମର ଡୋରି
ଜୀବନ ମୋର ଯାଉ ପରୋପକାରେ ବିତି
ମାନବସେବା ହେଉ ମୋ ଜୀବନ ଗୀତି ।

*ଗୋଲାପଲ୍ଲୀ ସାହି, ବ୍ରହ୍ମପୁର*

## ନୀଳକଇଁ

*ପବିତ୍ର ବେହେରା*



ତୁମ ଦିବ୍ୟ ଚେହେରା
ତୁମ ଛନ୍ଦ ପରି କଥାବାର୍ତ୍ତା
ତୁମ ଆଲିଙ୍ଗନ ର ଦୃଢ଼ତା
ତୁମ ଚୁମ୍ବନ ର ଉଷ୍ମତା
ମୋତେ ପାଗଳ ଭଅଁର ସାଜିବାକୁ
ବାଧ୍ୟ କରେ।
ପଦ୍ମ ପାଖୁଡ଼ା ପରି ଓଠରେ
ତୁମ ଗୋଲାପିଆ ରଙ୍ଗର ଲାଲ୍ ଲିପିଷ୍ଟିକ
ର ଧାର, ମୃଗନୟନା ନୟନ ଯୁଗଳ
ବିଭୋର କରାଉଛି ମୋତେ ସାଜିବାକୁ
ପାଗଳ ଭଅଁର।
ନୀଳ ଆକାଶରେ ଭାସମାନ
ଧଳା, ଧଳା ମେଘ ପରି
ତୁମ ତନୁ ର ନୀଳ ରଙ୍ଗ
ମୋତେ ପାଗଳ ଭଅଁର
ସାଜିବାକୁ ବାଧ୍ୟ କରେ।
ଶଙ୍ଖ ମଲମଲ ଚିବୁକ ତୁମର
ସତେ କି ଅମୃତ ର ଗନ୍ତାଘର ।
ମଧୁଝରା ପ୍ରୀତିଭରା ମୁଖମଣ୍ଡଳ
ତୁମରି ବିଭୋର କରାଏ ମୋତେ
ପାଗଳ ଭଅଁର ସାଜିବାକୁ।
ତୁମେ କଳ୍ପନା ରାଇଜ ର
ନୀଳ ସ୍ୱପ୍ନ ହୋଇ ମୋ ମନ ମନ୍ଦିର ର
ପୁଷ୍କରିଣୀରେ ପୁଷ୍ପିତ
ହେଉଛ ବାରମ୍ବାର
କେବେ ଥରେ କଳ୍ପନା ରାଇଜ ର ବାଡ଼
ଡେଇଁ ସ୍ୱପ୍ନ କୁ ଆଡ଼ ?ଇ ବାସ୍ତବତା ରେ
ଏ ପାଗଳ ଭଅଁର ଜୀବନରେ
ମାଧୁର୍ଯ୍ୟ ଭରିଦିଅ।

*ବାହାଲପୁର,ଗଞ୍ଜାମ*
*ଦୂରଭାଷ-୭୭୮୮୮୮୬୬୦୨*

## ଉଛୁଳା ନଈ

*ସୁଧାକର ରାଉତ*



ଅତୀତ କଥାକୁ ଭୁଲି ଯାଇ ମନୁ
ଉଛୁଳି ପଡିଛି ନଈ
ପୂର୍ଣ୍ଣଗର୍ଭା ହୋଇ ବହି ଯାଉଅଛି
ନିଜକୁ ବିସ୍ତାରି ଦେଇ ।
ତାର ସେ ସୁନୀଳ ପଣତ କାନିଟା
କେବେ ଛୁଉଁ ଥିଲା ତୀର
ନିଜ ମନ ବ୍ୟଥା ସରାଗରେ ତାକୁ
କହେ ନ ଭାବିଣ ପର ।
ନିଥର କୂଳଟା ତା ପରଶ ପାଇ
ବିଭୋରିତ ମନ ନେଇ
କେତେ ଆଶ୍ୱାସନା ଦେଉଥିଲା ତାକୁ
ନିଜତ୍ୱ କୁ ଭୁଲିଯାଇ ।
ସ୍ୱପ୍ନ ତାର ସବୁ ପାଉଁଶ ହୋଇଲା
‘ବର୍ତ୍ତମାନ’ ଧରି ମନେ
ଏତେ ପ୍ରତାରଣା ତା'ନଦୀ କରିବ
ଭାବିତ ନଥିଲା ଦିନେ ।
ନିଜ ଯୌବନରେ ଆତ୍ମହରା ହୋଇ
ନ ମାନେ ଅବାଟ ବାଟ
ମୁହଁକୁ ନ ଚାହିଁ ତା ।ତି କରଇ
ଦେଖାଇ ଉଦ୍ଦଣ୍ଡ ନାଟ ।
କେତେ ଆଦରରେ ଆଲିଙ୍ଗି ତାହାକୁ
ଦେଉଥିଲା କେତେ ଚୁମା
ଏବେ ତାର ଚାଲି ଚଳନ ଦେଖିଲେ
ବିଶ୍ୱାସ ନ ହୁଏ ଜମା ।
ମହମହ ବାସୁଥିବା ସେ ଅତୀତ
ସ୍ମୃତି ବୋଲି ଭାବି ତୀର
ନିଜର ଅବ।ୟ କୁ ସହ୍ୟ କରି
ଚାହେଁ ତାକୁ ହୋଇ ସ୍ଥିର ।
ଭାବୁଛି ଏବେ ସେ ତା ଅନୁରାଗକୁ
ନଦୀ କେତେ ଶୀଘ୍ର ଭୁଲି
ସ୍ମୃତି ଧାସେ ତାକୁ କେତେ ଜଳାଇବ
ଶ୍ରାବଣ ଟା ଗଲେ ଚାଲି ।

*ପ୍ରତାପ ନଗରୀ,କଟକ*
*ମୋ-୮୨୪୯୯୩୨୭୯୨*

## ତାକୁ ମାରିବ କେମିତି ?

*ଡୁଇଟି ଡେଭିଡ ଫିଲିପ୍*



କିଏ ମୋତେ ବଳରେ ମାରୁଛି
କିଏ ମୋତେ କଳରେ
କିଏ ମୋତେ ଧର୍ମରେ ମାରୁଛି
କିଏ ମୋତେ ନୀତିରେ,
କିଏ ମୋତେ ପେଟରେ ମାରୁଛି,
କିଏ ମୋତେ ପିଠିରେ,
କିଏ ମୋତେ ହାତରେ ମାରୁଛି,
କିଏ ମୋତେ ବମରେ,
ମାଡ଼ ଖାଇ ବୁଝି ପାରୁଛି,
ବୁଝି ପାରୁନି ତୁମ ହସର ରହସ୍ୟ।
କେବେ ଦେଉଛ ଖାଦ୍ୟ,
କେବେ ଦେଉଛ ଘର,
ଦରଦ ମୋର ବଢ଼ି ଯାଉଛି,
କହିଲେ ମୋତେ ନିରୀହ।
ନିରୀହ, ଅଳ୍ପ ସଂଖ୍ୟକ,
ରକ୍ତର ନାହିଁ ମୂଲ୍ୟ,
‘ରକ୍ତ ବହିଲେ ଭଲ‘
ଦେଶଟା ଦିଶିବ ରଙ୍ଗୀନ।
ପ୍ରଜାତି, ଗରିବୀ, ରୋଗୀ, ଭିକାରୀ,
ପାହାଡେ, ସହରେ, ରାଜଧାନୀରେ
ଯେତେ ନାହିଁ
ହୃଦୟ ଭିତରେ ବେଶି ଅଛି,
ତାକୁ ମାରିବ କେମିତି ?

*ଭବାନୀପାଟଣା*

## ମୋ ପାଇଁ ସବୁକିଛି

*ଜଗଦୀଶ ପଣ୍ଡା*



ଭୁଲି ପାରେନା
ବେଳାଭୂମି ବାଲି ପରି
ଧୀର ଅଳସ ଭାଙ୍ଗିବା ତୋର
ଆରମ୍ଭ ଦିନର ତୋ ଠାରୁ
ମହକ ଭରା ଚା ତୋର
ମନେ ମନେ ଖୁବ୍ ଧୀର
ହେଲେ ଚଞ୍ଚଳ ଭାବନା ତୋର
ଖାଇବାରେ, ବୁଲିବାରେ ମଜା ସହ
ନୂଆ ଜିନିଷ କିଣି ଦେଖାଇବାରେ ଖୁସି
ତୋର
ଛୋଟ ଅସୁବିଧା ବଡ ଡର
ଛୁଟିରେ ଘର ସଜା ତୋର
ଅବୁଝାପଣ ଗୋଟେ ଗୋଟେ କଥାରେ
ବଡମାନଙ୍କ ପରି ବୁଝେଇବା ତୋର
ଅକାରଣେ କୋହ ଓ ଲୁହ ଝରେଇବା
ଭୁଲ ଠିକ ଭଲ ମନ୍ଦ କଚେରୀ ତୋର
ତୋ ସାଥେ ସେ କଥାବାର୍ତ୍ତା
ମୋ ପାଇଁ କାରଣ ଜିଇଁବାରତୋର ସେ
ପଦେ କଥାରେ ହସ
ବଢାଏ ସ୍ପନ୍ଦନ ମୋର
ହେଲେ ତୋ ପ୍ରେମ ତୋ ମନ ତୋ
ସ୍ୱପ୍ନଏ
ସବୁ କାହାର ଏ ତ ମୋର
ତୁ ନିଜେ ଯେତିକି ତୋର ନୁହଁ
ସେତିକି ମୋର।
ବାସ ତା ପରେ ଆଉ କ'ଣ,
ଯେବେଠୁ ତୋ ପ୍ରେମ ଗଣିତ ବୁଝିଛି
ସେବେଠୁ ଜାଣିଛି
ଯାହା ତୋ ପାଇଁ କିଛି କିଛି
ମୋ ପାଇଁ ସବୁକିଛି।

*ଅଲାଡିଗାଁ, ଗଂଜାମ*

# ମୋ ଓଡ଼ିଶା

## ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ



ବିଶ୍ୱର ପାଠକମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ । ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଟୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା । ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଚ୍ଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ । ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି । ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

**ଡାଃ ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ମୋ:୯୪୩୭୨୩୫୩୮୬

## ନେତାଜୀଙ୍କ ଭଳି ମଧୁବାବୁଙ୍କ ପ୍ରତିମୂର୍ତ୍ତି ହେଉ !

ଖୋର୍ଦ୍ଧା (ପିଏନ୍): ନୂଆଦିଲ୍ଲୀ ଇଣ୍ଡିଆଗେଟ୍ ଠାରେ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ୨୮ ଫୁଟ ଉଚ୍ଚର ଗ୍ରାନାଇଟ୍ ପ୍ରସ୍ତର ନିର୍ମିତ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିବାରୁ ଖୋର୍ଦ୍ଧାରେ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଆନନ୍ଦ ପ୍ରକାଶ ପାଇଛି । ଏହି ଉପଲକ୍ଷେ ଏକ ଅଭିନନ୍ଦନ ସଭା ଖୋର୍ଦ୍ଧା ସାହିତ୍ୟ ସଂସଦ କାର୍ଯ୍ୟାଳୟରେ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଅଧକ୍ଷତାରେ ତଥା ଡ଼. ପ୍ରଫୁଲ୍ଲ କୁମାର ସାମନ୍ତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଉମାଶଙ୍କର ପ୍ରସାଦ, ରାମଶଙ୍କର ଓ ଶକ୍ତି ଶଙ୍କର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରି କେନ୍ଦ୍ର ସରକାରଙ୍କ ଏହି ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ । ଓଡ଼ିଶାର ବରପୁତ୍ର ଭାବେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦେଶରେ ପ୍ରଥମ ଆଜାଦ୍ ସରକାର ପ୍ରତିଷ୍ଠା କରିଥିଲେ । ସେହିଭଳି ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଆ ଭାଷାକୁ ଭିତିକରି ଓଡ଼ିଶା ରାଜ୍ୟ ଗଠନ କରିଥିବାରୁ ତାଙ୍କର ବିଶାଳ ପ୍ରତିମୂର୍ତ୍ତି ଉଭୟ ଦିଲ୍ଲୀ ଓ ଭୁବନେଶ୍ୱରରେ ନିର୍ମାଣ କରିବାକୁ ବୁଦ୍ଧିଜୀବୀମାନେ ପ୍ରସ୍ତାବ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀ ମଧୁବାବୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇଥିବାରୁ ମଧୁବାବୁଙ୍କ ନୀତି, ଆଦର୍ଶ ଓ କର୍ତବ୍ୟପଥ ସମ୍ପର୍କରେ ଭବିଷ୍ୟତ ପିଢି ଜାଣିବା ଦରକାର ବୋଲି ସେମାନେ ମତ ଦେଇଥିଲେ ।

## ଧର୍ମଶାଳା ବ୍ଲକରୁ ୭୪ ନିଖୋଜଙ୍କୁ ଠାବ କଲା ପୁଲିସ୍

ଧର୍ମଶାଳା (ପିଏନ୍): ରାଜ୍ୟରେ ବିଭିନ୍ନ ସମୟରେ ନିଖୋଜ ହୋଇଥିବା ବ୍ୟକ୍ତି, ମହିଳା, ନାବାଳକ, ନାବାଳିକା ଓ ଛୋଟ ପିଲାମାନଙ୍କୁ ଠାବ କରିବା ପାଇଁ ପୁଲିସ ମହାନିର୍ଦ୍ଦେଶକ ପ୍ରତ୍ୟେକ ଜିଲ୍ଲାର ଏସପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ନାମ ଅପରେସନ ମିସିଂ ଡ୍ରାଇଭ ରଖାଯାଇଥିବା ବେଳେ ପ୍ରତ୍ୟେକ ଜିଲ୍ଲାରେ ପୁଲିସ ପକ୍ଷରୁ ସେପ୍ଟେମ୍ବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ନିଖୋଜମାନଙ୍କୁ ଠାବ କରିବା କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ଧର୍ମଶାଳା ବ୍ଲକ ଜେନାପୁର ଓ ଧର୍ମଶାଳା ଥାନା ପକ୍ଷରୁ ଗତ ୧ ତାରିଖରୁ ୯ ତାରିଖ ଯାଏ ୭୪ଜଣ ନିଖୋଜଙ୍କୁ ଠାବ କରାଯାଇପାରିଛି । ଧର୍ମଶାଳା ଥାନା ପକ୍ଷରୁ ୧୬ଜଣ ନିଖୋଜ ଠାବ କରାଯାଇଥିବା ବେଳେ ଜେନାପୁର ଥାନା ପକ୍ଷରୁ ୫୮ଜଣ ନିଖୋଜଙ୍କୁ ଠାବ କରାଯାଇଛି ବୋଲି ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି । ଏହି ଡ୍ରାଇଭ ଦୁଇଦିନ ପର୍ଯ୍ୟନ୍ତ ଜାରି ରହିବ ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଧର୍ମଶାଳା ଯୁବ ବିଜେଡି



ଧର୍ମଶାଳା (ପିଏନ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ରାଜ୍ୟ ବନ୍ୟା ନିୟନ୍ତ୍ରଣ ବୋର୍ଡର ଟେକ୍ନିକାଲ (ଟିଏସି)ର ସଦସ୍ୟ ଭାବେ ମନୋନୀତ କରିଥିବାରୁ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି । ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ କୁମାର ନାୟକଙ୍କ ନେତୃତ୍ୱରେ ଗତକାଲି ଯୁବ ବିଜେଡି କର୍ମକ ମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହିତ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରି ବିଧାୟକ ଶ୍ରୀ ବଳବନ୍ତରାୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଜୁ ଯୁବ ଜନତା ଦଳର ସମସ୍ତ କର୍ମକର୍ତା ସହଯୋଗ କରିଥିଲେ ।

## ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ସଂସ୍କାର



ଓଡ଼ିଶା ସରକାର ସର୍ବଶେଷ ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ନୂଆ ପ୍ରକାର ବ୍ୟବସ୍ଥା ଆପଣାଉଛନ୍ତି । ଦିନକୁ ଦିନ ଲୋକମାନେ ସୋସିଆଲ ମିଡ଼ିଆ ସହିତ ଅତ୍ୟନ୍ତ ସକ୍ରିୟ ରହୁଛନ୍ତି ଓ ହାତପାହାନ୍ତାରେ ଥିବା ମୋଇବାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଓ ସଚେତନତା ଜାଣି ପାରୁଛନ୍ତି । ତେବେ ଏହା ଭିତରେ ଏକ ବଡ଼କଥା ହେଉଛି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି । ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ମାନୁଆଲ ବ୍ୟବସ୍ଥା ବଦଳରେ ଡିଜିଟାଲ ବା କମ୍ପ୍ୟୁଟରୀକରଣ କରାଯାଉଛି । ଏଥିଲାଗି ଅଟୋମେଟିକ ବା ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ବ୍ୟବସ୍ଥାର ପ୍ରଚଳନ ହେଉଛି । ପ୍ରଥାମିକ ପର୍ଯ୍ୟାୟରେ ୧୯ଟି ଆରଟିଓରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ଏଥିଲାଗି ଅତ୍ୟାଧୁନିକ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ ସ୍ଥାପନ କରାଯାଉଛି ।

ସୂଚନାଯୋଗ୍ୟ ଯେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ପ୍ରତ୍ୟେକଙ୍କୁ ଡ୍ରାଇଭିଂ ସ୍କିଲ ଟେଷ୍ଟ ଦେବାକୁ ପଡ଼ିଥାଏ । ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଣେ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଦେବାକୁ ପଡୁଛି । ପରୀକ୍ଷା ଶେଷରେ ଏହି ଅଧିକାରୀ ନିଷ୍ପତ୍ତି ନିଅନ୍ତି ଯେ ଆପଣଙ୍କର ଡ୍ରାଇଭିଂ କରିବାର କ୍ଷମତା ଅଛି କି ନାହିଁ । ଏହି ପ୍ରଚଳିତ ବ୍ୟବସ୍ଥା ଶୀଘ୍ର ଇତିହାସ ହେବାକୁ ଯାଉଛି । ଏବେ ଡ୍ରାଇଭିଂ ଦକ୍ଷତା ବିଷୟରେ ନିଷ୍ପତ୍ତି କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଉପରେ ନ୍ୟସ୍ତ କରାଯିବ । ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଅପଗ୍ରେଡ଼ କରାଯାଉଛି ।

ନୂତନ ବ୍ୟବସ୍ଥାରେ କେବଳ ଆବେଦନକାରୀଙ୍କ କେବଳ ଡ୍ରାଇଭିଂ ଦକ୍ଷତା ଯାଞ୍ଚ ହେବନାହିଁ ବରଂ ଲାଇସେନ୍ସ ପ୍ରଦାନ କରିବା ସମୟରେ ସ୍ୱଚ୍ଛତାକୁ ମଧ ସୁନିଶ୍ଚିତ କରାଯିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଆରଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକରେ ଏଡିଟିଏସ ସ୍ଥାପନ କରାଯିବ । ଭିଡ଼ିଓ ଆନାଲିଟିକ୍ସ ଟେକ୍ନୋଲୋଜି ଓ କ୍ୟାମେରା ଏବଂ ସେନ୍ସରର ବ୍ୟବହାର କରି ଏହି ସିଷ୍ଟମ ଏକ ଅତ୍ୟାଧୁନିକ ସେଟଅପ ପ୍ରଦର୍ଶିତ ହେବ । ଯାନଗୁଡ଼ିକର ପ୍ରବେଶଠାରୁ ଆରମ୍ଭ କରି ଏହାର ଯାଞ୍ଚ ସବୁକିଛି ଡିଜିଟାଲ ପଦ୍ଧତିରେ ସୁନିଶ୍ଚିତ କରାଯିବ । ଟ୍ରାକରେ ଫିଟ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହାଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ । ଏକାଧିକ ହୋଇ ଡେଫିନେସନ କ୍ୟାମେରା ସହିତ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତାର ମୂଲ୍ୟାଙ୍କନ କରିବାକୁ ସଜାଗ ରଖାଯିବ । ଟ୍ରାକ ଗୁଡ଼ିକ ସେନ୍ସର ସହିତ ଲାଇନ ହେବ, ପରୀକ୍ଷଣ ସମୟରେ ସେନ୍ସରକୁ ମାରିବା ଦ୍ୱାରା ମାର୍କ ନଷ୍ଟ ହେବ ।

ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା ସିଟ ବେଲ୍ଟ, ପାଥ ପରିବର୍ତ୍ତନ, ଗାଡ଼ି ଚାଳନା, ଷ୍ଟପ ଲାଇନ, ଅପ ଗ୍ରେଡିଏଣ୍ଟ, ଫରଓ୍ୱାର୍ଡ଼-୮, ରିଭର୍ସ ଏସ ଏବଂ ଟ୍ରାଫିକ ଜଙ୍କସନ ପରି ପାରାମିଟର ଉପରେ ବିଚାର କରାଯିବ । ସେଠାରେ ଏକ ଏଲଇଡି ଟେଲିଭିଜନ ସହିତ ସଜ୍ଜିତ ହେବ ଯାହା କ୍ରମାଗତ ଭାବରେ ପାସ ଖେଳିବ ଏବଂ ଏଲଏମଭି ଏବଂ ମୋଟର ସାଇକେଲ ଲାଗି ଭିଡ଼ିଓ ବିଫଳ ହେବ । ପରୀକ୍ଷା ସମୟରେ ଯଥାଶୀଘ୍ର ଆବେଦନକାରୀଙ୍କ ପରୀକ୍ଷା ଫଳାଫଳ ପାସ କିମ୍ବା ଫେଲ ପ୍ରଦର୍ଶନ କରିବାକୁ ପ୍ରତ୍ୟେକ ଭେରିଏବଲ ମେସେଜିଂ ସମସ୍ତ ପରୀକ୍ଷା ଟ୍ରାକରେ ରଖାଯିବ । ୧୦ ସେକେଣ୍ଡ ମଧରେ ଫଳାଫଳ ଜଣାପଡ଼ିବ । ସମ୍ପୃକ୍ତ ପରୀକ୍ଷଣ ସମାପ୍ତ ହେବା ପରେ, ସ୍ମାର୍ଟ ଫୋନରେ ପାସ ବା ଫେଲର ବାର୍ତ୍ତା ପ୍ରଦର୍ଶିତ ହେବ । ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ଦକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷଣ ପାଇଁ ଉନ୍ନତ ପ୍ରଶିକ୍ଷଣ ପଦ୍ଧତି ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ଓ ସମଗ୍ର ପ୍ରକ୍ରିୟା ସଠିକତାକୁ ସୁନିଶ୍ଚିତ କରିବ ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ,*
*ଦୂରଭାଷ : ୯୪୩୭୧୪୨୭୧୭*

## ପ୍ରେସ୍ କ୍ଲବ ଓ ରୋଟାରୀ କ୍ଲବ ପକ୍ଷରୁ ଚାରା ରୋପଣ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରେସ୍କ୍ଲବ ଧର୍ମଶାଳା ଓ ଜାରକା ରୋଟାରୀ କ୍ଲବ ପକ୍ଷରୁ ପ୍ରେସ୍ କ୍ଲବ ପରିସର ଓ ବାହାରେ ଗତକାଲି ଚାରା ରୋପଣ କରାଯାଇଛି । ଏଥିରେ ରୋଟାରି କ୍ଲବ ସଭାପତି ପ୍ରମୋଦ କୁମାର ସାମଲ, ସଂପାଦକ ସୁକାନ୍ତ ସ୍ୱାଇଁ, ଜୟନ୍ତ ସାହୁ, ଅଜାମ୍ବର ସାହୁ, କଳାକର ମହାନ୍ତି, ପ୍ରଶାନ୍ତ ପୃଷ୍ଟି, ରଶ୍ମିରଂଜନ ରାୟ ପ୍ରମୁଖ ସଭ୍ୟବୃନ୍ଦ ଓ ପ୍ରେସ୍କ୍ଲବ ଉପଦେଷ୍ଟା ଇନ୍ଦ୍ରମଣି ନାୟକ, ସଭାପତି ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସଂପାଦକ ଅବିନେଶ୍ୱର ଶତପଥୀ, ସୀତାକାନ୍ତ ସାମଲ, ମାନସରଂଜନ ଜେନା, ଅଖିଳ କୁମାର ସ୍ୱାଇଁ, କିଶୋର ରାଉତ, ବିକ୍ରମ ମହାନ୍ତି, ସୁବ୍ରତ ଜେନା, ଗିରିଧାରୀ ବେହେରା ପ୍ରମୁଖ ସଦସ୍ୟମାନେ ଯୋଗଦେଇ ଚାରାରୋପଣ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଚନ୍ଦନ ସାହିତ୍ୟୋତ୍ସବ ପାଇଁ ବୈଠକ

ଫୁଲନଖରା (ପିଏନ୍)-ସେପ୍ଟେମ୍ବର ୧୧ ତାରିଖ ରବିବାର ଜଗନ୍ନାଥପୁର ସ୍ଥିତ କଲ୍ୟାଣ ମଣ୍ଡପ ସଭାଗୃହରେ 'ଚନ୍ଦନ ସାହିତ୍ୟୋତ୍ସବ-୨୦୨୨' ଡଃ. ପ୍ରମୋଦ କୁମାର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବ । ଏଥିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ. କୁମରବର ଦାସ ମୁଖ୍ୟଅତିଥି, ଅଧ୍ୟାପକ ବିଶ୍ୱରଂଜନ ମୁଖ୍ୟବକ୍ତା ଏବଂ ଗାଳ୍ପିକ ଆର୍ଯ୍ୟ ଯଜ୍ଞଦତ୍ତ ସମ୍ମାନିତ ଅତିଥିରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବରେ ସାହିତ୍ୟିକ ରବିନାରାୟଣ ଦାଶ, କବିସୂର୍ଯ୍ୟ ମିଶ୍ର ଓ ଗାଳ୍ପିକ ଆଭାସ ବରାଳଙ୍କୁ 'ଚନ୍ଦନ ସାରସ୍ୱତ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବାକୁ ସ୍ଥିର ହୋଇଛି । ପରେପରେ କବି ସୁରେଶ ନାୟକଙ୍କ ଅଧକ୍ଷତା ଓ କବି ଚନ୍ଦ୍ରବିଜୟୀ ମିଶ୍ରଙ୍କ ସଂଯୋଜନାରେ 'ଅଳପ କଥା ଓ ସାହିତ୍ୟ କଥା' ଶୀର୍ଷକ ଏକ ଆଲୋଚନା ଓ କବିତା ପାଠୋତ୍ସବରେ ଲେଖକ ଓ କବିମାନେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିବେ । ଏ ନେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ବୈଠକରେ ସବିଶେଷ ସୂଚନା ଦିଆଯାଇଥିଲା । ଏଥିରେ ଅନୁଷ୍ଠାନର ସମ୍ପାଦକ ଲିଙ୍ଗରାଜ ମହାନ୍ତି, କଳା ସମ୍ପାଦକ ଶଶୀକାନ୍ତ ରାଉତ ଓ ସହ ସମ୍ପାଦକ ସଂଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ ।

## ବିଡିଏ କଲୋନୀରୁ ବାଇକ୍ ଚୋରି

ଖୋର୍ଦ୍ଧା (ପିଏନ୍): ଦିନକୁ ଦିନ ଖୋର୍ଦ୍ଧା ସହରରେ ବାଇକ୍ ଲୁଟ୍ ବଢିଚାଲିଛି । ଦିନ ଦ୍ୱିପହରେ ବିଡିଏ କଲୋନୀରୁ ଲୁଟ୍ ହେଉଛି ବାଇକ୍ । ରଣପୁର ଲେଖନପୁର ଅଂଚଳର ଜୟକୃଷ୍ଣ ମହାରଣା କାଠକାମ କରିବା ପାଇଁ ବିଡିଏ କଲୋନୀ ଆସିଥିବାବେଳେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ନିକଟସ୍ଥ ଏକ ବରଗଛ ମୂଳେ ତାଙ୍କ ହିରୋ ସ୍ପ୍ଲେଣ୍ଡର (ଓଡି୦୨୫୯୦୨୫)ଗାଡ଼ି ଥୋଇଥିଲେ । ତେବେ ଗାଡ଼ିର ତାଲା ଭାଙ୍ଗି କେହି ଦୁର୍ବୃ ଚୋରି କରିନେଇଛନ୍ତି । ଏ ନେଇ ସେ ଖୋର୍ଦ୍ଧା ଥାନାରେ ଏତଲା ଦେଇଥିବାବେଳେ ଯଥାଶୀଘ୍ର ଚୋରକୁ ଠାବ କରିବା ପାଇଁ ପୁଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ସୂଚନାଯୋଗ୍ୟ, ବିଡିଏ କଲୋନୀ ଓ ମଙ୍ଗଳାନଗର ଅଂଚଳରେ ଦିନକୁ ଦିନ ଚୋରି ବଢୁଥିବାରୁ ଏଠାରେ ରୀତିମତ ପୁଲିସ ପାଟ୍ରୋଲିଙ୍ଗ୍ କରିବାକୁ ଦାବି ହେଉଛି ।

## ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି । ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି । ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି । ବିଜ୍ଞାନାଗାରରେ ଏହିସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ । ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏ । ପରୀକ୍ଷାମୂଳକ ଭାବେ ପେମ୍ବିଏ କମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି । ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି । ତେବେ ଏଥିରେ କିଛି ପରିବ ନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏ ର ସିଇଓ ମାଥ୍ୟୁ ମୁର୍କୁସ୍ । ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ । ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପି ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି । ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ । ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର । ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର । ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପି , କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଚି । ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି । ଏହାର କ୍ରେତା ଦୁଇ ପ୍ରକାରର । ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି । ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି । ପୁଣି କେହି କେହି ଅନ୍ଧବିଶ୍ୱାସର ବଶବ ୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି । ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି । କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି । ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ । ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ । ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା । ପେମ୍ବିଏ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି । ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ । ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ । ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି । ତେଣୁ ସେମାନେ ପେମ୍ବିଏ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି । ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି । ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି । କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି ।

## ୧ କୋଟି ୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ବାଲେଶ୍ୱର (ପିଏନ୍)- ବାଲେଶ୍ୱରରୁ ପୁଣି ବ୍ରାଉନସୁଗାର ଜବତ କରାଯାଇଛି । ଏସଡିଏଫ ଏବଂ ବାଲେଶ୍ୱର ପୁଲିସର ମିଳିତ ଚଢ଼ାଉ ଫଳରେ ୧ କିଲୋ ୩୮୦ ଗ୍ରାମର ବ୍ରାଉନ ସୁଗାର ଜବତ ହୋଇଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧ କୋଟି ୩୦ ଲକ୍ଷ ଟଙ୍କା ହେବ ବୋଲି କୁହଯାଇଛି । ଭୁବନେଶ୍ୱର ଏସଟିଏଫ ଏବଂ ପୁଲିସ ପକ୍ଷରୁ ମିଳିତ ଭାବେ ସହଦେବଖୁ । ଥାନା ଅନ୍ତର୍ଗତ ଅରଡ଼ବଜାର ମସ୍‌ଜିଦ ଗଳିରେ ଚଢ଼ାଉ କରାଯାଇଥିଲା । ଘଟଣାସ୍ଥଳରୁ ନିଶା ମାଫିଆ ସେକ୍ ରଫିକ୍‌କୁ ଗିରଫ କରାଯିବା ସହ ବ୍ରାଉନସୁଗାର ଜବତ କରାଯାଇଥିଲା । ପୂର୍ବରୁ ସେକ୍ ରଫିକ୍ ନାମରେ ବାଲେଶ୍ୱରରେ ୩ଟି ନିଶାଦ୍ରବ୍ୟ ସମ୍ପର୍କିତ ମାମଲା ରହିଛି । ରଫିକ୍‌ର ଘର ପଶ୍ଚିମବଙ୍ଗର ପ କୁଲାରେ ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତ ମୁର୍ସିଦାବାଦ୍‌ରୁ ବ୍ରାଉନସୁଗାର ଆଣି ବ୍ୟବସାୟ କରେ । ତାକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛି । ଉଲ୍ଲେଖଯୋଗ୍ୟ ଗତ ୨୦୨୦ରୁ ଏଯାବତ୍ ଏସଟିଏଫ ୫୭ କିଲୋଗ୍ରାମରୁ ଅଧିକ ବ୍ରାଉନସୁଗାର, ୨୦୨ ଗ୍ରାମ କୋକେନ ଓ ୧୧୧ କୁଇ ାଲ ଗଞ୍ଜେଇ ଜବତ କରିଛନ୍ତି । ଏହି ମାମଲାରେ ୧୫୮ରୁ ଅଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

## ରାଷ୍ଟ୍ର ଗଠନରେ ଗୁରୁଙ୍କ ଭୂମିକା ଅବିସ୍ମରଣୀୟ



ଭୁବନେଶ୍ୱର(ପିଏନ୍): ଶିଭମ୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର, ଚିନ୍ତାମଣିଶ୍ୱର ଠାରେ ଗୁରୁଦିବସ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍, ପୂର୍ବତନ ରାଷ୍ଟ୍ରପତି, ଭାରତ ରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣାନ୍‌ଙ୍କ ପ୍ରତିମୂ ରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରି ନିର୍ଦ୍ଦେଶକ ମଦନମୋହନ ପାଢ଼ୀ, ଅଧକ୍ଷା ଶଶୀରେଖା ସାହୁ, ଅତିଥିଭାବେ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ଜନସେବକ ଫାଉଣ୍ଡେସନ୍‌ର ସମ୍ପାଦକ ସୁରେନ୍ଦ୍ର କୁମାର ସାହୁ ମତବ୍ୟକ୍ତ କରି କହିଥିଲେ ଯେ, ରାଷ୍ଟ୍ରର ନିର୍ମାଣରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହିତ ବିଦ୍ୟାର୍ଥୀମାନେ ନିଜ ଉପରେ ବିଶ୍ୱାସ ରଖି ସଠିକ୍ କର୍ମ କରିବା ସହିତ ଗୁରୁଙ୍କ ପରାମର୍ଶ ଓ ଜ୍ଞାନ ଗ୍ରହଣ କରି ତାକୁ ନିଜ କର୍ମକ୍ଷେତ୍ରରେ ବିନିଯୋଗ କରନ୍ତୁ । ବିଦ୍ୟାର୍ଥୀମାନେ ଗୁରୁ ଓ ଗୁରୁମା'ଙ୍କୁ ପୂଜା କରିବା ସହ ସେମାନଙ୍କ ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ବକ୍ତୃତା, ରଚନା ଲେଖନ ଓ ନୃତ୍ୟର ପ୍ରତିଯୋଗିତା କରାଯାଇଥିଲା । ଗୀତିକାର, କଣ୍ଠଶିଳ୍ପୀ ମନୋଜ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ମିଳନ, ସତ୍ୟ, ଶୁଚିସ୍ମିତା ପ୍ରମୁଖ ।

# ମୋ ସହର

## ଶିଶୁ ସୁରକ୍ଷା ସେବା ସମ୍ପର୍କରେ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରତିନିଧିଙ୍କ କର୍ମଶାଳା

ପୁରୀ,,(ପି.ଏନ): ଶିଶୁ ସୁରକ୍ଷା ସମ୍ବନ୍ଧରେ ଏନ.ଜି.ଓ ପ୍ରତିନିଧିଙ୍କ ନିମନ୍ତେ ସ୍ଥାନୀୟ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷ ଠାରେ ପୁରୀ ଜିଲ୍ଲାର ୫୦ ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧିଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ମିଶନ ବାତ୍ସଲ୍ୟ, ବେଟି ବଚାଓ ବେଟି ପଢ଼ାଓ, ଶିଶୁ ସୁଲଭ ପରିବେଶ, କିଶୋର ନ୍ୟାୟ ଆଇନ ଏବଂ ଶିଶୁ ମାନଙ୍କ ନିମନ୍ତେ ଥିବା ଅନ୍ୟାନ୍ୟ ଆଇନ, ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି କର୍ମଶାଳାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଉଦଘାଟନ କରି କହିଥିଲେ ଯେ, ଶିଶୁ ସୁରକ୍ଷା କ୍ଷେତ୍ରରେ ସ୍ୱେଚ୍ଛାସେବୀ ସଂସ୍ଥାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜିଲ୍ଲାକୁ ଶିଶୁ ସୁଲଭ ଭାବେ ଗଢି ତୋଳିବା ନିମନ୍ତେ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧିମାନଙ୍କୁ ସେ ଆହ୍ୱାନ ଦେଇଥିଲେ। ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି, ଡ଼ଃ. ଅଜିତ କୁମାର ମହାପାତ୍ର- ଅଧ୍ୟକ୍ଷ ଶିଶୁ ମଙ୍ଗଳ ସମିତି, ପ୍ରିୟଙ୍କା ପ୍ରିୟଦର୍ଶିନୀ- ଅତିରିକ୍ତ ଶ୍ରମ ଅଧିକାରୀ, ରଞ୍ଜିତା ଦାସ- ଜିଲ୍ଲା ବାଲ୍ୟ ବିବାହ ନିଷେଧ ସଂଯୋଜକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବରେ ଆଇନ ପରୀବିକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ, ଅଣ ଅନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ସ୍ମିତ୍ତାରାଣୀ ସାହୁ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ପ୍ରମୁଖ ସମ୍ପୃକ୍ତ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପରିଚାଳନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତା ରୋଜାଲିନି ପାତ୍ର, କମଳା ମହାରଣା, ବିଜୟ କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ।

## କନ୍ଧମାଳ ଜିଲ୍ଲା ସରପଂଚ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

କନ୍ଧମାଳ, (ପି.ଏନ); କନ୍ଧମାଳ ଜିଲ୍ଲା ସରପଂଚ ମହାସଂଘ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏଥିରେ ସେମାନଙ୍କ ମୁଖ୍ୟ ଦାବି, ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ରାଜ୍ୟର ପ୍ରତି ପଂଚାୟତର ବିଭିନ୍ନ ଉନ୍ନୟନମୂଳକ କାମ ପ୍ରଦାନ କରାଯିବାକୁ ଥିବା ୫୦ ଲକ୍ଷ ଟଙ୍କାକୁ ସିଧାସଳଖ ପଂଚାୟତ ଗୁଡିକୁ ଦେବାକୁ ଦାବି କରାଯାଇଛି। ଆଜି ଫୁଲବାଣୀ ସାମ୍ବାଦିକ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସରପଂଚ ମହାସଂଘର ସଭାପତି ସୁଦର୍ଶନ କହଁର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଏହା ସହିତ ସେ କହିଛନ୍ତି ଯେ, ପଂଚାୟତର ତୃଣମୂଳ ସ୍ତରର ସମସ୍ତ ସୁବିଧା ଅସୁବିଧା ସମ୍ପର୍କରେ ସରପଂଚ ମାନେ ଭଲ ଭାବରେ ଅବଗତ ଅଛନ୍ତି। ତେଣୁ ଏହି ଅର୍ଥକୁ ବ୍ଲକ ମାଧ୍ୟମରେ ଖର୍ଚ୍ଚ କରା ନଯାଇ ସିଧାସଳଖ ପଂଚାୟତ ଗୁଡିକୁ ପ୍ରଦାନ କରାଗଲେ ଏହାର ସଠିକ୍ ଉପଯୋଗ ହେବା ସହିତ ଗ୍ରାମାଚଂଳର ଲୋକେ ଏହାର ଲାଭ ପାଇବେ। ଏଥି ସହିତ ସରପଂଚ ମାନଙ୍କ ଅନାସ୍ଥା ପ୍ରସ୍ତାବକୁ ଉଚ୍ଛେଦ କରାଯିବା, ସେମାନଙ୍କୁ ମାସିକ ଭତା ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବା, ପଂଚାୟତ ଗୁଡିକ ପାଇଁ ଜରୁରୀକାଳୀନ ପାଣ୍ଠି ଯୋଗାଇ ଦେବା, ସରପଂଚ ମାନଙ୍କ ପାଇଁ ସ୍ୱତନ୍ତ୍ର ପାଣ୍ଠି ଯୋଗାଇ ଦେବା, ଗ୍ରାମପଂଚାୟତ ଗୁଡିକୁ ମିଳୁଥିବା ୨୫ ରୁ ୨୮ ଲକ୍ଷ ଟଙ୍କାର ପାଣ୍ଠିକୁ ବୃଦ୍ଧି କରିବା, ଗ୍ରାମପଂଚାୟତର ବିକାଶ ପାଇଁ ହେଉଥିବା ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ପଲ୍ଲିସଭା ଓ ଗ୍ରାମ ସଭାରେ ନିଷ୍ପତି ଗ୍ରହଣ କରାଯିବା, ପୂର୍ବ ପରି ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାର ଦାୟିତ୍ୱ ପଂଚାୟତକୁ ହସ୍ତାନ୍ତର କରାଯିବା, ସରପଂଚ ମାନଙ୍କ କାର୍ଯ୍ୟକାଳ ଶେଷ ହେଲେ ସେମାନଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଏଁ ଅବସରକାଳୀନ ଭତା ପ୍ରଦାନ କରାଯିବା ଏବଂ ସେମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମା କରାଯିବା ଆଦି ୧୦ ଦଫା ଦାବି ରହିଛି।

## ରେ’ କୋଠା ନିର୍ମାଣ ମାନକୁ ନେଇ ପ୍ରଶ୍ନବାଚ୍ୀ, ସୁରକ୍ଷାକୁ ଅଣଦେଖା ଅଭିଯୋଗ

ବ୍ରହ୍ମପୁର,(ଚ୍ିନ୍ମୟୀ ପାଣିଗ୍ରାହୀ), ପି.ଏନ): ବସ୍ତି ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନ ଓ ଭଲ ପରିବେଶରେ ପକ୍କା ଘର ଯୋଗାଇ ଥଇଥାନ କରିବା ରାଜୀବ ଆବାସ ଯୋଜନା(ରେ) ର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହି ଯୋଜନାରେ ତିନିବର୍ଷ ତଳେ ୪ମହଲା (ଜି+୩) ବିଶିଷ୍ଟ ଆପାର୍ଟମେଣ୍ଟ (ବହୁତଳ କୋଠା)ରେ ଘର ଖଣ୍ଡେ ପାଇ ଖୁସି ହୋଇଥିବା ପରିବାରବର୍ଗ ଏବେ ଅସୁରକ୍ଷିତ ମଣୁଛନ୍ତି। ନିମ୍ନମାନର ନିର୍ମାଣ କାମ ଯୋଗୁଁ ଆପାର୍ଟମେଣ୍ଟ କୋଠା ଗୁଡିକ ଏବେ ବିପଦସଙ୍କୁଳ ହୋଇପଡିଛି। ଅନ୍ୟପକ୍ଷେ ଏହି ବହୁତଳ କୋଠାର ଉପର ମହଲା ଗୁଡିକ ନିର୍ମାଣ ବେଳେ ରହିବାକୁ ଥିବା ଲୋକଙ୍କ ସୁରକ୍ଷାକୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ମାତ୍ର ଦେଢ଼ ହାତ ଓସାରର ବାଲ୍ ?କୋନି କରାଯାଇଛି। ସେଠିରେ ପୁଣି ସୁରକ୍ଷା ପ୍ରାଚ୍ୀର ଭାବେ ଯେଉଁ ତିନିଟି ରେଲିଂ ଲାଗିଛି, ସେମାନଙ୍କ ମଧ୍ୟରେ ଅଧିକ ବ୍ୟବଧାନ ରହିଛି। ସେହି ପାର୍ଶ୍ୱର ଘର କବାଟ ସମ୍ପୂର୍ଣ୍ଣ ଖୋଲି ହେଉନାହିଁ, ତାହା ଯାଇ ବାହାରେ ଥିବା ରେଲିଂରେ ବାଜୁଛି। ଛୋଟ ଛୁଆଙ୍କ ପାଇଁ ଏହା ବଡ ବିପଦ



ପାଲଟିଛି। ରେଲିଂ ମଧ୍ୟରେ ଥିବା ଫାଙ୍କ ଦେଇ ପିଲାମାନେ ତଳକୁ ଖସିପଡିବାର ଭୟ ରହୁଛି ବୋଲି ଅଭିଯୋଗ ବାଢ଼ିଛନ୍ତି ପାଷ୍ଟଗେଟ୍ ଧୋବାବନ୍ଧ ହୁଡାକୁ ଲାଗି ରହିଥିବା ‘ରେ’ ବାସିନ୍ଦା। ସେଠାରେ ‘ରେ’ ପ୍ରକଳ୍ପରେ ୧୮ଟି ବ୍ଲକ୍ ?(ଜି+୩) ଥିବା ବେଳେ ଉପରୋକ୍ତ କାରଣ ପାଇଁ କିଛି ଦିନ ତଳେ ଏଠାରେ ୧୧ନଂ ବ୍ଲକ୍‌ର ଉପର ମହଲାରୁ ଜଣେ ଛୋଟ ଶିଶୁ ତଳେ ପଡି ମୃତ୍ୟୁ ବରଣ କରିଥିବା ପ୍ରକାଶ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସେମାନଙ୍କ କହିବା ଅନୁଯାୟୀ, ଏଠାରେ ରହିବାର ତିନିବର୍ଷ ମଧ୍ୟରେ ତିନିଟି ଦୁର୍ଘଟଣା ଘଟିସାରିଲାଣି। କିନ୍ତୁ କାହାର ମୃତ୍ୟୁ ହୋଇନଥିଲା। ଜଣେ ଶିଶୁ ତଳକୁ ଖସି ଗୁରୁତର ହୋଇଥିବା ବେଳେ ସେ ଏବେବି ଚ୍ିକିତ୍ସାଧୀନ ଅଛି। ତାଙ୍କ ପରିବାର ଆପାର୍ଟମେଣ୍ଟଘର ଛାଡି ବିଜିପୁରରେ ଭଡାଘର ନେଇ ରହୁଛନ୍ତି। ଅନ୍ୟ ଦୁଇଜଣ ଶିଶୁ ମଧ୍ୟ ସମାନ ଢଙ୍ଗରେ ରେଲିଂ ଫାଙ୍କ ଦେଇ ଖସିଯାଇଥିଲେ। କିନ୍ତୁ ସୌଭାଗ୍ୟବଶତଃ ରେଲିଂକୁ ଧରି ଓହଳି ରହିଯିବାରୁ ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ପାରିଥିଲା। କିନ୍ତୁ କାଲିର ଦୁର୍ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ଅନ୍ୟପକ୍ଷେ ପ୍ରତ୍ୟେକ ବ୍ଲକ୍ ?ରେ କୋଠା ଗୁଡିକ ରୁଗ୍ଣ ହୋଗଲାଣି। କାହାର ଛାତରୁ ସିମେଣ୍ଟ ଉଭାନ୍ ହୋଇଗଲାଣି। ପିଲାର୍ ?ର ଛଡ ଦେଖାଗଲାଣି। ପାଣି ଟାଙ୍କିରେ ଲ ?କେଜ୍ ? ଏବଂ ବର୍ଷାପାଣି ଛାତରେ ଜମି ରହି ଏହାକୁ ନଷ୍ଟ କରୁଛି। କାନ୍ଥ ଏବଂ ଚ୍ଟାଣରୁ ପଲସ୍ତରା ଉଠିଗଲାଣି। ଏପରିକି କେତେକ କାନ୍ଥରେ ଫାଟ ସୃଷ୍ଟି ହେଲାଣି। ବର୍ଷା ହେଲେ ଆଉ କେତେକଙ୍କ ଘର କାନ୍ଥ ଭିଜି ପାଣି ଗଳୁଛି। ଏଭଳି ନିମ୍ନମାନର କାମ ହୋଇଛି, ଯେ କହୁଣି ବାଜିଲେ କାନ୍ଥରୁ ଫ ?ାଏ ଖସି ପଡୁଛି ବୋଲି ଜଣେ ବୃଦ୍ଧା କଟାକ୍ଷ କରି କହିଥିଲେ। ବସ୍ତିରେ ଥିଲୁ ଭଲରେ ଥିଲୁ, ଏବେ ଆପାର୍ଟମେଣ୍ଟରେ ରହି ସବୁବେଳେ ଭୟ ଲାଗି ରହୁଛି ବୋଲି ଅନ୍ୟଜଣେ ମହିଳା କହିଥିଲେ। ଯଦି ଫାଇଲିନ୍ ଭଳି ବାତ୍ୟା ଆସିବ, ଏଇ କୋଠାର ଅବସ୍ଥା ଯାହା, ତା’ ସାମ୍ନାରେ ଠିଆ ହୋଇ ରହିଲା ଭଳି ଲାଗୁନି, ଆମ ଅବସ୍ଥା କଣ ହେବ ବୋଲି ଆଉ ଜଣେ ମହିଳା ଆଶଙ୍କା ପ୍ରକଟ କରିଥିଲେ। କେତେକ ଆପାର୍ଟମେଣ୍ଟର ଡ୍ରେନ୍ ? ପାଣି ନିଷ୍କାସିତ ହୋଇନପାରି ଜମି ରହୁଛି। ଯାହାକି ଆଖପାଖର ପରିବେଶକୁ ଦୂଷିତ କରୁଥିବା ବେଳେ ତଳ ମହଲାରେ ରହୁଥିବା ପରିବାର ଅଧିକ ପ୍ରଭାବିତ ହେଉଥିବା ଅଭିଯୋଗ କରିଛନ୍ତି। ସହର ୧୨ଗୋଟି ସ୍ଥାନ ରେ ୭୭ଗୋଟି ବ୍ଲକ ରହିଛି। ତେବେ ବ୍ରହ୍ମପୁର ମହାନଗର ର ଏକ ଟିମ୍ ସମସ୍ତ ୭୭ ଗୋଟି ବ୍ଲକ ର ସ୍ଥିତି ଅନୁଧ୍ୟାନ କରିବା ପରେ ମରାମତି କାମ ଆରମ୍ଭ ହେବ ବୋଲି କହିଛନ୍ତି କମିଶନର। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ନେବା ଜରୁରୀ ହୋଇ ପଡିଛି।

## ଏକ ନିରୀହ ଗରିବ ବୃଦ୍ଧା ନାରୀଙ୍କ ନ୍ୟାୟ ପାଇଁ ସଂଗ୍ରାମ

ଭୁବନେଶ୍ୱର,(ପି.ଏନ): ଭାରତର ଓଡ଼ିଶା ଭଳି ଦରିଦ୍ର ରାଜ୍ୟରେ, ଯେଉଁଠାରେ ପ୍ରଗତି ଏବଂ ବିକାଶ ସହରାଞ୍ଚଳରେ ସୀମିତ ଥିବା ପରି ମନେହୁଏ, ମଧୁ ବାବୁ ପେନ୍ସନ୍ ଯୋଜନା (ଗଇଚଣ) ଏବଂ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆୱାସ ଯୋଜନା (ଚଗଇଣ-ଏ) ପରି ସାମାଜିକ କଲ୍ୟାଣ ଯୋଜନା ବଞ୍ଚିତ ସମ୍ପ୍ରଦାୟକୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ। ତଥାପି, ଏହି ଯୋଜନାଗୁଡିକର କାର୍ଯ୍ୟକାରୀ ତ୍ରୁଟି କହିଲେ ନସରେ, କାରଣ ଦୁର୍ନୀତି ଏବଂ ଅବହେଳା ସେମାନଙ୍କ କାର୍ଯ୍ୟକାରିତାକୁ ବାଧା ଦେଇଥାଏ। ଏହି ସମସ୍ୟାକୁ ସମାଜକୁ ବାର୍ତ୍ତା ଦେଉଥିବା ଗୋଟିଏ ଦୁଃଖଦ ସମସ୍ୟାର ଉଦାହରଣ ଏଠାରେ ପ୍ରକାଶ କରୁଛି, ଭୀଷ୍ମଗିରି ପଞ୍ଚାୟତର ବାସିନ୍ଦା ତଥା ଶ୍ରୀ ପଞ୍ଚାନନ ବିଶ୍ୱାସରାୟଙ୍କ ପତ୍ନୀ ଉଲ୍ଲି ବିଶ୍ୱାସରାୟ ବିଗତ ୩୫ ବର୍ଷ ଧରି ଦାରିଦ୍ରରେ ଜୀବନ ବିତାଉଛନ୍ତି ଏବଂ ୧୯୮୦ ଦଶକରୁ ଘର ଜଗୁଆଳି, ନାନି ଏବଂ ତଦାରଖକାରୀ ଭାବରେ କାର୍ଯ୍ୟ କରୁଛନ୍ତି, ମଧ୍ୟ ତାଙ୍କୁ ଉଭୟ ଚଗଇଣ-ଏ ଏବଂ ଗଇଚଣ ର ଲାଭକୁ ଅନ୍ୟାୟ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଛି। ସହାୟତା ଅସ୍ୱୀକାର କରିବା ଆହୁରି ନିରାଶାଜନକ ଅଟେ ଯେତେବେଳେ ଅଯୋଗ୍ୟ ପରିବାରଗୁଡିକର ରିପୋର୍ଟ ସହିତ ତୁଳନା କରାଯାଏ, ରାଜନୈତିକ ସଂଯୋଗ ଦ୍ୱାରା ସମର୍ଥିତ, ସହାୟତା ଗ୍ରହଣ କରାଯାଏ।ଏଭଳି ଅନ୍ୟାୟକୁ ଦୃଷ୍ଟିରେ ରଖି ସମାଜବିଜ୍ଞାନୀ ତଥା ମାନବାଧିକାର କର୍ମୀ ଶ୍ରୀ ରବୀନ୍ଦ୍ର କୁମାର ମିଶ୍ର ପକ୍ଷରୁ ନ୍ୟାୟ ପାଇଁ ନିରନ୍ତର ସଂଗ୍ରାମ କରିଛନ୍ତି ଶ୍ରୀମତୀ ଉଲ୍ଲି ବିଶ୍ୱାସରାୟଙ୍କ ଲାଗି।୨୦୧୯ ରେ ସେ ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ (ଝଝରଚଡ) ବିଭାଗ, ଗଞ୍ଜାମ କଲେକ୍ଟର ଏବଂ ସମ୍ପୃକ୍ତ ମନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ବିଭାଗକୁ ନିବେଦନ କରିଥିଲେ ରବୀନ୍ଦ୍ର। ତେବେ ଏହି ପ୍ରୟାସ ସତ୍ତ୍ୱେ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନଥିଲା। ଏଥିରେ ନିରାଶ ହୋଇ ରବୀନ୍ଦ୍ର ତାଙ୍କ ଆବେଦନ ଜାରି ରଖିଥିଲେ, ଏପରିକି ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ) ରେ ପହଞ୍ଚିଥିଲେ। ମାନ୍ୟବର ଉଗଡ଼ କୁ ଅବଗତ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଗଞ୍ଜାମ କଲେକ୍ଟରଙ୍କୁ ଅବଗତ କରାଯାଇଥିଲା ଉଗଡ଼ ରୁ। ରବୀନ୍ଦ୍ର ଅନ୍ୟାନ୍ୟ ଅଧିକାରୀଙ୍କୁ ମଧ୍ୟ ଅନୁରୋଧ କରିଥିଲେ ଯେପରିକି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଓ), ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସଏସଓ), ବ୍ଲକ ବିକାଶ ଅଧିକାରୀ (ବିଡିଓ) ଏବଂ ଗଞ୍ଜାମ କଲେକ୍ଟର, କିନ୍ତୁ ଦୁର୍ଭାଗ୍ୟବଶତ କିଛି ଫଳପ୍ରଦ ଫଳାଫଳ ମିଳି ନଥିଲା। ରବୀନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ଏକ ଗରିବ ବୃଦ୍ଧା ନାରୀର ନ୍ୟାୟ ପାଇବା ପାଇଁ ଦର୍ଶାଯାଇଥିବା ସ୍ଥିରତା ବହୁତ୍ ପ୍ରଶଂସନୀୟ କାର୍ଯ୍ୟ। ତାଙ୍କ ଭଳି ବ୍ୟକ୍ତିବିଶେଷଙ୍କ ଅଦମ୍ୟ ଉଦ୍ୟମ ଦ୍ୱାରା ହିଁ ସିଷ୍ଟମ୍ ର ସମସ୍ୟା ସାମ୍ନାକୁ ଆସିପାରିବ ଏବଂ ସମାଧାନ କରାଯାଇପାରିବ। ସହରାଞ୍ଚଳ କେନ୍ଦ୍ର ଏବଂ ଗ୍ରାମାଞ୍ଚଳ ମଧ୍ୟରେ ପାର୍ଥକ୍ୟ ଦେଖାଦେଇଥିବା ଏକ ରାଜ୍ୟରେ, ଯେଉଁମାନେ ପ୍ରକୃତରେ ନ୍ୟାୟ ଆବଶ୍ୟକ କରନ୍ତି ସେମାନଙ୍କ ନିକଟରେ କଲ୍ୟାଣକାରୀ ଯୋଜନା ପହଞ୍ଚିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।ଶ୍ରୀମତୀ ଉଲ୍ଲି ବିଶ୍ୱାସରାୟଙ୍କ ବିଷୟ ଏକ ସ୍ମରଣକାରୀ ଭାବରେ କାର୍ଯ୍ୟ କରିବ, ଯେ ଦୁର୍ନୀତି ଏବଂ ଅବହେଳା ସାମାଜିକ କଲ୍ୟାଣ ଯୋଜନାର ଉଦ୍ଦେଶ୍ୟକୁ କ୍ଷୁର୍ଣ୍ଣ କରିପାରେ। ଏହିପରି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଦାୟୀ ସରକାର ଏବଂ କର୍ତ୍ତୃପକ୍ଷ ସଜାଗ ରହିବା ଆବଶ୍ୟକ ଏବଂ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ସ୍ୱଚ୍ଛତା, ନ୍ୟାୟ ଏବଂ ସମାନ ସୁବିଧା ସୁନିଶ୍ଚିତ କରିବା ଜରୁରୀ ଅଟେ। ଶ୍ରୀ ରବୀନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଜବାବରେ, ଏହି ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ନିର୍ଦ୍ଦେଶ ଦେଇ ଜିଲ୍ଲା କଲେକ୍ଟର କିଛି ମାତ୍ରାରେ କାର୍ଯ୍ୟ ତଦାରଖ କରିଥିଲେ। ତେବେ ମଧୁ ବାବୁ ପେନ୍ସନ୍ ଯୋଜନା (ଗଇଚଣ) ର ବ୍ୟବସ୍ଥା ବିଷୟରେ ଅବଗତ ନଥିବା ଦେଖାଯାଉଥିବା ଦିଗାପହଣ୍ଡିର ବ୍ଲକ ଡେଭଲପମେଣ୍ଟ ଅଫିସର (ବିଡିଓ) ଅଭିଯୋଗକୁ ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ ଏବଂ କହିଥିଲେ ଯେ କେହି ମୃତ୍ୟୁ ହେଲେ ଆଉ ସେହି ଜାଗା ଖାଲି ହେବା ପରେ ଉଲ୍ଲି ବିଶ୍ୱାସରାୟ ପେନ୍ ?ସନ୍ ? ପାଇପାରିବେ। ଏହି ପ୍ରତିକ୍ରିୟା ଈଉଙ୍ଗ ର ପରିସ୍ଥିତିକୁ ବୁଝିବା ଏବଂ ଯୋଜନାର ଯୋଗ୍ୟତା ମାନଦଣ୍ଡ ବିଷୟରେ ଚ୍ିନ୍ତା ବଢ଼ାଇଥାଏ।ପ୍ରଗତିର ଅଭାବରୁ ହତାଶ ହୋଇ ରବୀନ୍ଦ୍ର କୁମାର ମିଶ୍ର ନିଜର ଉଦ୍ୟମ ଜାରି ରଖି ପୁଣି ଥରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିବେଦନ କରିଥିଲେ। ତଥାପି, ଯେତେବେଳେ କୌଣସି ଫଳାଫଳ ନଥିଲା, ସେ ଫେବୃଆରୀ ୨୦୨୩ ରେ ଜାତୀୟ ମାନବ ଅଧିକାର ଆୟୋଗ (ଘଐଜଉ) କୁ ଏହି ବିଷୟକୁ ନେବାକୁ ନିଷ୍ପତ୍ତି ନେଇଥିଲେ। ସମସ୍ତ ସ୍ତର ଏହି ପ୍ରସଙ୍ଗର ଗମ୍ଭୀରତାକୁ ଚ୍ିହ୍ନି ଘଐଜଉ ନୂଆଦିଲ୍ଲୀରେ ଘଐଜଉ ର ଆଇନ ବିଭାଗରେ କେସ୍ ନମ୍ବର ୪୬୬/ ୧୮/୫/୨୦୨୩ ରେଜିଷ୍ଟ୍ରେସନ୍ କରିଥିଲା। ଜଣେ ଯୋଗ୍ୟ ପୀଡିତାଙ୍କୁ ଗଇଚଣ ପରି ସାମାଜିକ କଲ୍ୟାଣକାରୀ ସୁବିଧା ପ୍ରତ୍ୟାଖ୍ୟାନ ଅଭିଯୋଗକୁ ସ୍ୱୀକାର କରି ଘଐଜଉ ଗଞ୍ଜାମର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଚ୍ିଠି ଲେଖିଥିଲେ। ଏପ୍ରିଲ୍ ୨୦୨୩ ରେ, ଘଐଜଉ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏକ ଚୂଡାନ୍ତ ସ୍ମାରକପତ୍ର ପ୍ରଦାନ କରି ଜୁନ୍ ୨୦୨୩ ସୁଦ୍ଧା ଏ ସମ୍ପର୍କରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ତଥାପି ଚୂଡାନ୍ତ ସ୍ମାରକପତ୍ର ସତ୍ତ୍ୱେ କୌଣସି ରିପୋର୍ଟ ଗ୍ରହଣ କରାଯାଇ ନାହିଁ। ଫଳସ୍ୱରୂପ, ଘଐଜଉ ଅଗଷ୍ଟ ୨୮, ୨୦୨୩ ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଗଞ୍ଜାମର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଡକାଇବାକୁ ନିଷ୍ପତ୍ତି ନେଇଛି। ଯଦି ଆବଶ୍ୟକ ରିପୋର୍ଟ ୨୧ ଅଗଷ୍ଟ ୨୦୨୨ ସୁଦ୍ଧା ଦାଖଲ ହୁଏ, ତେବେ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ବ୍ୟକ୍ତିଗତ ରୂପ ବନ୍ଦ ହୋଇପାରେ। ଏହା ସହିତ ଘଐଜଉ ଦ୍ୱାରା ଏହି ସକ୍ରିୟ ପଦକ୍ଷେପ ସାମାଜିକ କଲ୍ୟାଣକାରୀ ସୁବିଧାକୁ ଅସ୍ୱୀକାର କରିବା ସହ ଏହାର ସମାଧାନର ତତ୍ପରତାକୁ ଦର୍ଶାଉଛି। ଶ୍ରୀମତୀ ଉଲ୍ଲି ବିଶ୍ୱାସରାୟଙ୍କ ଭଳି ଏହି ସମାଜର ବହୁ ଅସୁରକ୍ଷିତ ପରିବାର ଏକ ଦୁଃଖଦ ସମସ୍ୟାର ସମ୍ମୁଖୀନ ହେଉଥିବା ଏକ ବୃହତ ସମସ୍ୟାକୁ ଆଲୋକିତ କରିଛନ୍ତି ରବୀନ୍ଦ୍ର, ଯେଉଁମାନେ ସମାଜର ଗରିବ ଶ୍ରେଣୀର ଅଟନ୍ତି, ସହାୟତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଏହି ପରିବାରଗୁଡିକ ପ୍ରାୟତଃ ଗୃହ ଯୋଜନା ଏବଂ ପେନ୍ସନ୍ ଯୋଗାନାରୁ ବାଦ ପଡିଥାନ୍ତି। ଅସୁରକ୍ଷିତ ପୃଷ୍ଠଭୂମିରୁ ସମସ୍ତ ଯୋଗ୍ୟ ବ୍ୟକ୍ତି ଗୃହ ଯୋଜନା, ମୌଳିକ ସୁବିଧା, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଲାଭ ପାଇବା ଜରୁରୀ ଅଟେ। ଗ୍ରାଉଣ୍ଡ ଲେଭଲ ବାସ୍ତବତାକୁ ସମାଧାନ କରିବା ଏବଂ ଏହି ସୁବିଧାଗୁଡ଼ିକ ଉଦ୍ଦିଷ୍ଟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ନିଶ୍ଚିତ କରିବାକୁ ସରକାର ପ୍ରାଥମିକତା ଦେବା ଆବଶ୍ୟକ। ଏହା ଦେଖିବା ନିରାଶାଜନକ ଯେ ଅଯୋଗ୍ୟ ବ୍ୟକ୍ତିମାନେ ରାଜନୈତିକ ପକ୍ଷପାତିତା କିମ୍ବା ଚ୍ାପ ଗୋଷ୍ଠୀ ମାଧ୍ୟମରେ ସରକାରୀ ସୁବିଧା ପାଇପାରିବେ, ଯେତେବେଳେ କି ସମାଜର ପ୍ରକୃତ ଯୋଗ୍ୟ ତଥା ଅସୁରକ୍ଷିତ ସେକ୍ସନ ଗୁଡିକ ବାକି ରହିଛନ୍ତି। ପ୍ରାୟତଃ ସାକ୍ଷରତା, ସଚେତନତା ଏବଂ ସମର୍ଥନ ଅଭାବ ହେତୁ ଏହି ବର୍ଗର ବ୍ୟକ୍ତିମାନେ ସ୍ୱର ଉତ୍ତୋଳନ କରିବାରେ ଅସମର୍ଥ ଅଟନ୍ତି। ଅନ୍ତର୍ଭୁକ୍ତ ବିକାଶ ହାସଲ କରିବା ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏକ ଉନ୍ନତ ତଥା ନୂତନ ଓଡିଶାର ଦୂରଦୃଷ୍ଟି ପୂରଣ କରିବାକୁ ହେଲେ, ସରକାରୀ ଯୋଜନାର ଲାଭ ସମାଜର ଗରିବ ତଥା ଅସୁରକ୍ଷିତ ବର୍ଗରେ ପହଞ୍ଚିବା ନିଶ୍ଚିତ କରିବା ଆବଶ୍ୟକ। ମଧୁ ବାବୁ ପେନ୍ସନ୍ ଯୋଜନା (ଗଇଚଣ) ଏବଂ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆୱାସ ଯୋଜନା (ଚଗଇଣ-ଏ) ଓଡିଶା, ଭାରତରେ ସମାଜର ବର୍ଗର ବର୍ଗକୁ ଉନ୍ନତ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଦୁର୍ନୀତି ଏବଂ ଅବହେଳାର ଉଦାହରଣ ସେମାନଙ୍କ ପ୍ରଭାବରେ ବାଧା ସୃଷ୍ଟି କରୁଛି। ରବୀନ୍ଦ୍ର କୁମାର ମିଶ୍ରଙ୍କ ପରି କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠାପର ଉଦ୍ୟମ ଦ୍ୱାରା ନ୍ୟାୟ ଏବଂ କଲ୍ୟାଣକାରୀ ସୁବିଧାଗୁଡ଼ିକର ସମାନ ବଣ୍ଟନ ଆଶା ରହିଛି। ପରିସ୍ଥିତିକୁ ସୁଧାରିବା, ଅସୁରକ୍ଷିତ ବ୍ୟକ୍ତିବିଶେଷଙ୍କ ଆବଶ୍ୟକତାକୁ ସମାଧାନ କରିବା ଏବଂ ବିକାଶ ଏବଂ କଲ୍ୟାଣ ବ୍ୟବସ୍ଥା ଦୃଷ୍ଟିରୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ। ପରିଶେଷରେ, ଶ୍ରୀମତୀ ଉଲ୍ଲି ବିଶ୍ୱାସରାୟଙ୍କ ଉଦାହରଣ ଏବଂ ଏକ ବୃଦ୍ଧା ନାରୀଙ୍କ ନ୍ୟାୟ ପାଇଁ ରବୀନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା କରାଯାଇଥିବା ଉଦ୍ୟମ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସାମାଜିକ କଲ୍ୟାଣ ସୁବିଧା ପାଇଁ ସମାନ ସୁବିଧା ପାଇଁ ଜରୁରୀ ଆବଶ୍ୟକତାକୁ ଆଲୋକିତ କରିଥାଏ। ଘଐଜଉ ର ହସ୍ତକ୍ଷେପ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନୋଟିସ୍ ଜାରି କରିବା, ସେମାନେ ଏହି ସମସ୍ୟାର ସମାଧାନ କରୁଥିବା ଗମ୍ଭୀରତାକୁ ଦର୍ଶାଉଛି। ପରିସ୍ଥିତିକୁ ସୁଧାରିବା ପାଇଁ କଲ୍ୟାଣମୂଳକ ଯୋଜନାର ଲାଭ ସେମାନଙ୍କ ପାଇଁ ପହଞ୍ଚାଇବା ପାଇଁ ସରକାର ଏବଂ କର୍ତ୍ତୃପକ୍ଷଙ୍କ ପାଇଁ ତୁରନ୍ତ ପଦକ୍ଷେପ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦ୍ୱାରା, ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ଏବଂ ଏକ ଅଧିକ ସମାନ ଏବଂ ଅନ୍ତର୍ଭୂକ୍ତ ସମାଜ ସୃଷ୍ଟି କରିବାରେ ଓଡିଶା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିପାରିବ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ

ଖେଳ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Sunday August 06, 2023 ଭୁବନେଶ୍ୱର ରବିବାର, ଅଗଷ୍ଟ ୦୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିଟ୍ ଟିବିଆଇ ଦ୍ୱାରା ଦିନକରେ ୫ ଷ୍ଟାର୍ଟଅପ୍ ସହାୟତା କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପି.ଏନ): କିଟ୍-ଟିବିଆଇ ଦ୍ୱାରା ଗୋଟିଏ ଦିନରେ ଭୁଟାନ ଓ ଭାରତରେ ୫ଟି ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଆରମ୍ଭ କରି ସଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟକୁ ସାମିଲ କରାଯାଇପାରିଛି। ଅଗଷ୍ଟ ୩ ଓ ୪ ତାରିଖରେ କିଟ୍ ଟିବିଆଇ ଭୁଟାନ୍‌ରେ ଦୁଇ ଦିନିଆ ଆଞ୍ଚଳିକ ଷ୍ଟାର୍ଟଅପ୍ ନେଟ୍‌ୱାର୍କ (ଆର୍‌ଏସ୍‌ଏନ୍) କାର୍ଯ୍ୟକ୍ରମ ଆୟୋଜିତ କରିଥିଲା। ଏଥିରେ ଭୁଟାନ୍‌ର ୨୦ଟି ଶ୍ରେଷ୍ଠ ମନୋନୀତ ଷ୍ଟାର୍ଟଅପ୍‌କୁ ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲା। ସେହିପରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ଆଦି ରାଜ୍ୟର ୪ଟି ସ୍ଥାନରେ ୨୫ଜଣ ଲେଖାଏଁ ମହିଳା ଉଦ୍ୟୋଗୀଙ୍କୁ ନେଇ ଏକାଡେମୀ ଫର୍ ଓମେନ୍ (ଏଡବ୍ଲୁଇ) କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର, ତିରୁପତି, ୱାରଙ୍ଗଲ ଓ ବିଶାଖାପାଟଣାରେ ଆୟୋଜନ କରାଯାଇଥିଲା। ଏଥିରେ ମହିଳା ଉଦ୍ୟୋଗୀମାନଙ୍କୁ ବିଭିନ୍ନ ବାଧା ବିଘ୍ନର ମୁକାବିଲା କରି କିପରି ନିଜ ବ୍ୟବସାୟର ନେଟୱର୍କ ବୃଦ୍ଧି ଓ ଉଦ୍ୟୋଗୀ ଯାତ୍ରାରେ ସଫଳତା ହାସଲ କରିପାରିବେ ସେନେଇ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ସୂଚନାଯୋଗ୍ୟ, ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କିଟ୍ ଟିବିଆଇ ସଫଳତାର ସହ ବିଭିନ୍ନ ଷ୍ଟାର୍ଟଅପ୍ ସହାୟତା କାର୍ଯ୍ୟକ୍ରମ ଚଳେଇ ଆସୁଛି। ଉଦ୍ୟୋଗୀଙ୍କ ଯୋଜନାକୁ ସଫଳ ବ୍ୟବସାୟରେ ପରିଣତ କରିବା ଦିଗରେ ସମ୍ବଳ, ପରାମର୍ଶ ଓ ନେଟ୍‌ୱର୍କିଂ ସୁଯୋଗ ପ୍ରଦାନ କରିଆସୁଛି। କିଟ୍ ଟିବିଆଇ ଦେଶର ଏକ ପ୍ରମୁଖ ଟେକ୍ନୋଲୋଜି ବିଜିନେସ୍ ଇନ୍‌କ୍ୟୁବେଟର୍‌ଭାବେ ପରିଗଣିତ ହେଉଛି।

# ଯୁବ ସମ୍ବାଦ ଭାରତ କାର୍ଯ୍ୟକ୍ରମ






ବାଲିଅନ୍ତା,(ପି.ଏନ): ବାଲିଅନ୍ତା ବ୍ଲକ ଅଧିନସ୍ଥ ବେଣ୍ଟପୁର ପଞ୍ଚାୟତର ବାଣେଶ୍ୱରୀ ମହାବିଦ୍ୟାଳୟରେ ଶନିବାର ମଧ୍ୟାହ୍ନରେ ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୁବ ଓ ନାରୀ କଲ୍ୟାଣ ପ୍ରତିଷ୍ଠାନ, ବାଲିପାଟଣା ଏବଂ ନେହେରୁ ଯୁବ କେନ୍ଦ୍ର , ଖୋର୍ଦ୍ଧା ଓଡିଶା ମିଳିତ ସହଯୋଗରେ ଯୁବ ସମ୍ବାଦ ଭାରତ ଅ୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ଭଲ ଶିକ୍ଷା ଗ୍ରହଣ କରିବା ସହିତ ଉତ୍ତମ ଚରିତ୍ରବାନ ହେବା ପାଇଁ ପରାମର୍ଶ ଦେଇଥିଲେ ଭାରତ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କ ବିଷୟରେ ମଧ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ବିପିନ କୁମାର ପିଲାମାନଙ୍କୁ ପଞ୍ଚପ୍ରଣର ଉଦ୍ୟାଶ ଓ ତାର ଲକ୍ଷ୍ୟ ନେଇ ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବେଣ୍ଟପୁର ବାଣେଶ୍ୱର ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଦାସ , ଅଧାପକ ବଦ୍ରିକାନାଥ ମହାପାତ୍ର , ଯଶୋବନ୍ତ ପ୍ରଧାନ, ସୁରେନ୍ଦ୍ର ନାଥ ମାହାରି, କୁଳମଣି ବେହେରା , ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ , ଉମାଦେଇ ବ୍ରହ୍ମପୁର ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର,ବିଧାୟଙ୍କ ବ୍ଲକ ପ୍ରତିନିଧି ପ୍ରିୟବ୍ରତ ପାତ୍ର ତଥା ସୁଇଟ ହାର୍ଟ ସମ୍ପାଦକ ବିବେକାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅପରାହ୍ନ ସମୟରେ କଲେଜ ପ୍ରାଙ୍ଗଣରେ ମାନ୍ୟବର ବିଧାୟକଙ୍କ ଦ୍ୱାରା ବୃକ୍ଷ ରୋପଣ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୨୦୦ଶହରୁ ଉର୍ଦ୍ଧ ଯୁବକ ଯୁବତୀ ଭାରତ ଯୁବ ସମ୍ବାଦ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଓଡ଼ିଶା ଗସ୍ତରେ ଥିବା ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଛାତ୍ର କଂଗ୍ରେସର ବିରୋଧ



ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଓଡ଼ିଶା ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଓଡ଼ିଶା ଗ୍ରସ୍ତରେ ଆସିଥିବା ଗୃହମନ୍ତ୍ରୀ ଅମୀତ ଶାହାଙ୍କୁ ବିରୋଧ କରାଯାଇଥିଲା। ଶ୍ରୀ ନୱାଜଙ୍କ ନେତୃତ୍ୱରେ ମେ ଫେୟାର ଛକ ଠାରେ ପ୍ଲା କାର୍ଡ଼, କଳା ପତାକା ପ୍ରଦର୍ଶନ ଓ କଳା ବେଲୁନ୍ ଉଡ଼ାଇ ପ୍ରତିବାଦ କରାଯାଇଥିଲା। ସେଠାରେ ୨୫ ଜଣ ଛାତ୍ର କଂଗ୍ରେସ କର୍ମକର୍ତାଙ୍କୁ ପୁଲିସ୍ ହେପାଜତକୁ ନେଇ ଅଟକ କରାଯାଇଥିଲା। ରାମ ମନ୍ଦିର ଛକ ସ୍ଥିତ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅମୀତ ଶାହାଙ୍କର କାର୍ଯ୍ୟକ୍ରମ ଚାଲିଥିବାବେଳେ ବିକ୍ଷୋଭ ପ୍ରଦର୍ଶନ ପାଇଁ ଶ୍ରୀ ନୱାଜଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ କର୍ମକର୍ତାମାନେ ମାଷ୍ଟର କ୍ୟାଂଟିନ୍ ଛକରୁ ରାମ ମନ୍ଦିର ଅଭିମୁଖେ ନାରାବାଜି, ପ୍ଲା କାର୍ଡ଼ ଓ କଳା ପତାକା ପ୍ରଦର୍ଶନ କରି ଚାଲିଥିଲେ। ପୁଲିସ୍ ସମସ୍ତ ଛାତ୍ର କଂଗ୍ରେସ କର୍ମକର୍ତାଙ୍କୁ ରାସ୍ତାରେ ଗିରଫ କରି ନେଇଥିଲା। ଏହି ପରିପ୍ରେକ୍ଷିରେ ପ୍ରଦେଶ ଛାତ୍ର କଂଗ୍ରେସ ଶ୍ରୀ ନୱାଜ କହିଛନ୍ତି ଯେ, ଗୃହମନ୍ତ୍ରୀ ଅମୀତ ଶାହା ଯେଉଁ ଆଡ଼କୁ ଗ୍ରସ୍ତ କରୁଛନ୍ତି ସେଠାରେ ଘୃଣାର ମି ବୁଣୁଛନ୍ତି। ମଣିପୁର ଆଜି ଜଳୁଛି, ମଣିପୁରର ମହିଳା ଗଣଦୁଷ୍କର୍ମର ଶିକାର ହେଉଛନ୍ତି, ମଣିପୁରରେ ଗଣହତ୍ୟା ହେଉଛି, ହେଲେ ଗୃହମନ୍ତ୍ରୀ ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ। ଅପରପକ୍ଷରେ ମଣିପୁର ହିଂସାରେ ବିଜେପି, ଆର.ଏସ୍.ଏସ୍. ଓ ଏ.ଭି.ବି.ପିର ସଂପୃକ୍ତି ରହିଥିବାବେଳେ ଗୃହମନ୍ତ୍ରୀ ନୀରବ ବସିଛନ୍ତି। ସାରା ଦେଶର ବିଭିନ୍ନ ସ୍ଥାନରେ ଦଙ୍ଗା ପରିସ୍ଥିତି ଉପୁଜିଛି। ହେଲେ ଗୃହମନ୍ତ୍ରୀ କରୁଛନ୍ତି କ'ଣ ? ପ୍ରତ୍ୟେକ ହିଂସାକାଣ୍ଡ ଘଟଣାରେ ବିଜେପି. ଆରଏସ୍.ଏସ୍ ଓ ଏ.ଭି.ବି.ପିର ସଂପୃକ୍ତି ରହିଥିବାବେଳେ ସେମାନଙ୍କୁ ଗୃହମନ୍ତ୍ରୀ ଘଂଟ ଘୋଡାଇ ଚାଲିଛନ୍ତି। କେବଳ ମଣିପୁର ନୁହେଁ, ମହିଳା ମଲ୍ଲଯୋଦ୍ଧାଙ୍କୁ ବିଜେପି ସାଂସଦ ବ୍ରିଜଭୂଷଣ ଶରଣ ସିଂଙ୍କ ଅତ୍ୟାଚାର, କାଠୁଆ, ଉନ୍ନାଓ, ହତ୍‌ରସ ପ୍ରଭୃତି ନାରୀ ଦୃଷ୍କର୍ମ ଓ ହତ୍ୟାଘଟଣା ଓ ଜୋଦ୍ଧପୁର ଦୁର୍ଷ୍କର୍ମ ଘଟଣାରେ ବିଜେପି ନେତାଙ୍କର ସିଧାସଳଖ ରହୁଥିବାବେଳେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସୁତରାଂ ଅମୀତ ଶାହା ଗୃହମନ୍ତ୍ରୀ ଭାବରେ ତାଙ୍କର ଦାୟିତ୍ୱ ନିଭାଇବାରେ ବିଫଳ ରହିବା ସହ ତାଙ୍କର ଦଳୀୟ କର୍ମୀଙ୍କ ଅପରାଧକୁ ଘଂଟ ଘୋଡାଉଛନ୍ତି। ତୁରନ୍ତ ଅମୀତ ଶାହା ଇସ୍ତଫା ଦିଅନ୍ତୁ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି।ଏହି କାର୍ଯ୍ୟକ୍ରମରେ ରଣଜିତ୍ ପାତ୍ର, ସୁନିଲ୍ ମାଟିଆ, ଶିକ୍ଷା ଏକ୍କା, ଶୀଣ୍ଟୀଶ୍ରୀ ହରିଚନ୍ଦନ, ନିହାର ବେହେରା, ଶ୍ରୀ ମହାନ୍ତି, ରଣଜିତ ସେନାପତି, ସାଗର ପଟ୍ଟନାୟକ, କାର୍ତିକ କାଣ୍ଡି, ଜଗଦିଶ୍ ଗଜେନ୍ଦ୍ର, ନିଆଜୁଲି ଇସ୍‌ଲାମ୍, ବୁବୁନ୍ ରାଉତ, ଉଦ୍ଦିତ୍ ପ୍ରଧାନ, ସାହାରୁ ଖାନ,ସ୍ୱନ୍ଦନ କୁମାର ସ୍ୱାଇଁ ଓ ସମୀର ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ଲେବଲ୍-୨ ଅନ୍‌ସାଇଟ୍ ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ଗୁରୁବାର ଦିନ ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ଲେବଲ୍-୨ ଅନସାଇଟ୍ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ରିଫାଇନାରୀ କମ୍ପ୍ଲେକ୍ସ ପାଇଁ ନିଆଯାଇଥିବା ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବକୁ ଯାଂଚ କରିବା ପାଇଁ ଏହି ଅନସାଇଟ୍ ମକ୍ ଡ୍ରିଲ୍‌ର ଆୟୋଜନ କରାଯାଇଥିଲା । ଯଦି କେବେ ରିଫାଇନାରୀରେ କୌଣସି ଆପାଦକାଳୀନ ପରିସ୍ଥିତି ଦେଖା ଦିଏ ତାର ସଫଳ ମୁକାବିଲା କିପରି କରାଯିବ ସେ ନେଇ ଏହି ଅନସାଇଟ୍ ମକ୍ ଡ୍ରିଲ୍ କରାଯାଇଥିଲା।

# ଶିଶୁ ପାଇଁ ମା କ୍ଷୀର ଅମୃତ



ନୂଆପଡା,(ପି.ଏନ): ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ୍ ୧୧ ଲକ୍ଷ୍ମୀ ନଗର ଅଙ୍ଗନବାଡି କେନ୍ଦ୍ରରେ ସ୍ତନ୍ୟପାନ ସପ୍ତାହ ପାଳନ ହେଉଛି ।ଆଜିର ଏହି ପାଳନ ଅବସରରେ କେନ୍ଦ୍ର ର ଛାତ୍ରଛାତ୍ରୀ,କର୍ମୀ,ମାତୃଶକ୍ତୀ,ଧନଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ ।ଅଙ୍ଗନବାଡୀ କର୍ମୀ ଉପସ୍ଥିତ ଥିବା ଗର୍ଭବତୀ ଓ ପ୍ରସୁତି ମାଁ ମାନଙ୍କୁ ସ୍ତନ୍ୟପାନ ବିଷୟରେ ବୁଝାଇଥିଲେ ।ଧନଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତୀ ସଙ୍ଗୀତା ରାଣୀ ସାହୁ ସ୍ତନ୍ୟପାନ ଦିବସରେ ଓଡିଶା ସରକାର ଜାରି କରିଥିବା ବାର୍ତ୍ତା ପଠନ କରିଥିଲେ ଏବଂ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ ସମସ୍ତେ ନିଜର ପ୍ରତିକ୍ରିୟା ରଖିଥିଲେ ଓ ଆଗାମି ଦିନରେ ଏହାର ସମାଧାନ ପାଇଁ ଜିଲ୍ଲାପାଳ ମହୋଦୟଙ୍କୁ ସାକ୍ଷାତ କରିବାପାଇଁ ମନସ୍ଥ କରିଥିଲେ ।ୱାର୍ଡ୍ ୧୧ ର ପରିଷଦ ସଦସ୍ୟ ମଳୟ ରଞ୍ଜାନ ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ପରିସର ମଧ୍ୟରେ ସରପଞ୍ଚଙ୍କୁ ଗୋଡ଼େଇ ଗୋଡ଼େଇ ଆକ୍ରମଣ

ଆସିକା, (ପି.ଏନ): ଆସିକା ବ୍ଲକରେ ନଳବଣ୍ଟା ସରପଞ୍ଚ କୁ ଗୋଡେଇ ଗୋଡେଇ ପିଟିଲେ ବି.ଏଫ.ଟି । ଆସିକା ବ୍ଲକ ନଳବଣ୍ଟା ପଞ୍ଚାୟତ ରେ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ଏମ.ଜି.ଏନ.ଆର.ଜି.ଏସ ର ୩୩ ଲକ୍ଷ ଟଙ୍କା ର ହୋଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ୧୬ ଲକ୍ଷ ଟଙ୍କା ର ନଳବଣ୍ଟା ଜି ଆର ଏସ ମିଥ୍ୟା ବିଲ କରି ନେଇଯାଇଥିବା ଘଟଣାକୁ କନ୍ଦ୍ର କରି ଆଜି ବ୍ଲକ ଠାରେ ନଳବଣ୍ଟା ସରପଞ୍ଚ କିଶୋର ପ୍ରଧାନ ପ୍ରତିବାଦ କରିଥିଲେ। ଏହାକୁ କେନ୍ଦ୍ର କରି ବିଡ଼ିଓ ଫକୀର ଚ଼ରଣ ପରିଡାଙ୍କ ଉପସ୍ଥିତିରେ ବ୍ଲକ ସମିତି ସଭା ଗୃହ ଠାରେ ସରପଞ୍ଚ ଙ୍କୁ ବି ଏଫ ଟି ପ୍ରଦୀପ ଜେନା ଗୋଡେଇ ଗୋଡେଇ ପିଟିଥିଲେ । ଏଠାରେ ସରପଞ୍ଚ ଲହୁ ଲୁହାଣ ହୋଇଯାଇଥିଲା । ବ୍ଲକ ରଣକ୍ଷେତ୍ର ପାଲଟିଥିଲା ସେଠାରେ ଉପସ୍ଥିତ ଗହଙ୍ଗୁ ସରପଞ୍ଚ ମନୋଜ ପରିଡା ଓ ପାଣ୍ଡିଆ ପଥର ସରପଞ୍ଚ ନୀଳାଞ୍ଚଳ ଗୌଡ଼ ପ୍ରମୁଖ ବି.ଏଫ.ଟି ଙ୍କ ଆକ୍ରମଣ ରୁ ସରପଞ୍ଚ ଙ୍କୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚ଼ିକିତ୍ସା ଳୟ ଠାରେ ପ୍ରାଥମିକ ଚ଼ିକିତ୍ସା କରି ସରପଞ୍ଚ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଙ୍କ ପରାମର୍ଶ କ୍ରମେ ତାଙ୍କୁ ବ୍ରହ୍ମପୁର ମେଡିକାଲ କୁ ସ୍ଥାନାନ୍ତରିତ କରାଯାଇଛି କ୍ଷ ଏହି ଘଟଣା ବିରୁଦ୍ଧରେ ନଳବଣ୍ଟା ସରପଞ୍ଚ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ଆସିକା ବ୍ଲକରେ ଥିବା ୨୭ ପଞ୍ଚାୟତରେ ଏମ.ଜି.ଏନ .ଆର.ଜି.ଏସ ରେ ଲକ୍ଷ ଲକ୍ଷ ଟଙ୍କା ଦ ୁର୍ନୀତି ଚ଼ାଲିଥିବା ବାରମ୍ବାର ଅଭିଯୋଗ ହେଉଛି କ୍ଷ ଆସିକା ବ୍ଲକର ଆସିଷ୍ଟାଣ୍ଟ ଇଞ୍ଜିନିଅର ଓ ପଞ୍ଚାୟତ ରେ ଥିବା କନିଷ୍ଠ ଯନ୍ତ୍ରୀ,ପି ଇ ଓ ବିଏଫ ଟି, ମିଶି ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତିରେ ଲିପ୍ତ ରହିଥିବା ଚ଼ର୍ଚ୍ଚା ହେଉଛି ।ଆସିକା ବିଡ଼ିଓ,ଆସିଷ୍ଟାଣ୍ଟ ଇଞ୍ଜିନିଅର ଓ ପଞ୍ଚାୟତ ରେ ଥିବା କନିଷ୍ଠ ଯନ୍ତ୍ରୀ,ପି ଇ ଓ ବିଏଫ ଟି, ଜିଆରଏସ ମାନେ ବ୍ଲକ ଅଧକ୍ଷ, ବିଧାୟକ ଙ୍କ କଥା ମଧ ଶୁଣୁନଥିବା ସରପଞ୍ଚ ମାନେ ଅଭିଯୋଗ କରୁଛନ୍ତି କ୍ଷ ବରଂ କହୁଛନ୍ତି ଆମକୁ ଜିଲ୍ଲାପାଳ, ଏମ ଜି ଏନ ଆର ଜି ଏସ ପି.ଡି ଓ ୫ଶ୍ର ସଚ଼ିବ ଭି କେ ପାଣ୍ଡିଆନ କହିଛନ୍ତି ଯେ କୌଣସି ନିର୍ବାଚ଼ିତ ପ୍ରତିନିଧିଙ୍କ କଥା ଶୁଣିବା ନାହି ବୋଲି । ଆସିକା ବ୍ଲକର ଅବସ୍ଥା ଦିନକୁ ଦିନ ଅଣାୟତ୍ତ ହେବାକୁ ଲାଗିଲାନି । ଗଞ୍ଜାମ ଜିଲ୍ଲାର ୨୨ ବ୍ଲକ ମଧ୍ୟରୁ ଆସିକା ବ୍ଲକ ରେ କୌଣସି ଆଖିଦୃଷ୍ଟିଆ ଉନ୍ନତି କାର୍ଯ୍ୟ ନହୋଇ ଦୁର୍ନୀତିର ଗନ୍ତାଘର ପାଲଟିଥିବା ବୁଦ୍ଧିଜୀବୀ ମହଲରେ ଚ଼ର୍ଚ୍ଚାର ବିଷୟ ପାଲଟିଛି ।

# ବର୍ଷା-ବନ୍ୟା ବିପ୍ରାତ: ୨୨ ଜିଲ୍ଲାର ୫.୭୩ ଲକ୍ଷ ଲୋକ ପ୍ରଭାବିତ, ୫୨୫୭୩ ଜଣ ସ୍ଥାନାନ୍ତର, ୨୭୩୭ ଘର ନଷ୍ଟ

ଭୁବନେଶ୍ୱର, (ପି.ଏନ): ଲଗାଣ ବର୍ଷା ଯୋଗୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ହ୍ରାସ ପାଉଥିଲେ ମଧ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁ ମୋଟ ୨୨ଟି ଜିଲ୍ଲାର ମୋଟ ୧୪୫ଟି ବ୍ଲକର ୧୮୯୮ଟି ଗାଁ ଓ ୨୬ଟି ପୌରାଂଚ଼ଳର ୧୦୧ଟି ୱାର୍ଡର ମୋଟ ୫ଲକ୍ଷ ୭୩ହଜାର ୧୨୧ଜଣ ଲୋକ ପ୍ରଭାବିତ ହୋଇଥିବାବେଳେ ୫୨୫୭୩ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ସରକାରୀ ଭାବେ ଏପର୍ଯ୍ୟନ୍ତ ବନ୍ୟାରେ ୨ଜଣଙ୍କ ମୃତ୍ୟୁ ହୋଇଛି ଓ ୨୭୩୭ଟି ଘର ନଷ୍ଟ ହୋଇଛି । ଏହି କ୍ଷୟକ୍ଷତି ପରିମାଣ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏବେ ନଦୀଗୁଡିକର ଜଳସ୍ତର ହ୍ରାସ ପାଉଥିଲେ ମଧ କେବଳ ଆଖୁଆପଦାଠାରେ ବୈତରଣୀ ନଦୀ ବିପଦ ସଙ୍କେତ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ପରିସ୍ଥିତର ମୁକାବିଲା ପାଇଁ ରାଜ୍ୟ ସରକାର ୧୬ଟି ଜିଲ୍ଲାରେ ୧୩ଟି ଓଡ୍ରାଫ, ୮ଟି ଏନଡିଆରଏଫ ଓ ୮୫ଟି ଅଗ୍ନିଶମ ବାହିନୀ ଟିମକୁ ମୁତୟନ କରିଛନ୍ତି । ଗତକାଲି ତୁଳନାରେ ପ୍ରଭାବିତ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଲୋକଙ୍କ ସଂଖ୍ୟା ମଧ ଅଧିକ ରହିଛି । ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚ଼ନା ଅନୁସାରେ, ଆଜି ଅପରାହ୍ନ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ମୋଟ ୧୭ଟି ଗେଟ୍ ଦେଇ ୩ଲକ୍ଷ ୩ହଜାର ୧୩୨କ୍ୟୁସେକ ଜଳ ନିଷ୍କାସନ ହେଉଥିବାବେଳେ ଜଳଭଣ୍ଡାର ଭିତରକୁ ୪ଲକ୍ଷ ୪୬ହଜାର ୪୨୪ କ୍ୟୁସେକ ଜଳ ପ୍ରବେଶ କରୁଛି । ମୁଣ୍ଡଳୀଠାରେ ୩.୩୭ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray